# ଓଡ଼ିଆ - ଭୂୟାଁ ଶବ୍ଦକୋଷ

(ବହୁଭାଷୀ ଶିକ୍ଷଣ ନିମନ୍ତେ ଶିକ୍ଷକମାନଙ୍କ ପାଇଁ ସହାୟକ ପୁସ୍ତକ)

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ - ଭୂୟାଁ ଶବ୍ଦକୋଷ

(ବହୁଭାଷୀ ଶିକ୍ଷଣ ନିମନ୍ତେ ଶିକ୍ଷକମାନଙ୍କ ପାଇଁ ସହାୟକ ପୁସ୍ତକ)


*ସଂକଳକ ଓ ସମ୍ପାଦନା*

**ଡ. ପରମାନନ୍ଦ ପଟେଲ**

*ମାର୍ଗଦର୍ଶକ*

**ପ୍ରଫେସର ଅଖିଳ ବିହାରୀ ଓତା**



*ସହାୟତା*

**ୟୁନିସେଫ୍**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ଭୂୟାଁ ଶବ୍ଦକୋଷ


ସଂକଳନ ଓ

ସମ୍ପାଦନା : ଡ. ପରମାନନ୍ଦ ପଟେଲ

©ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ୨୬ ଜାନୁୟାରୀ, ୨୦୧୭

ମୁଦ୍ରଣ : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର


# ODIA- BHUYAN SABDAKOSH


Compilation &

*Editor* : Dr. Paramananda Patel

©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : 26th January 2017.

Printed at : Bholanath Press
Bomikhal, Bhubaneswar.

Supported by : UNICEF

# ମୁଖବନ୍ଧ

ଆଦିବାସୀ ସଂସ୍କୃତିର ବିଶେଷତ୍ୱ ଓ ଅଣ-ଆଦିବାସୀ ତଥା ଓଡ଼ିଆ ସଂସ୍କୃତି ସହ ସମନ୍ୱୟକୁ ବିଚାରକୁ ନେଲାବେଳେ, ଏହାର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବା ଗୁରୁତ୍ୱପୂର୍ଣ୍ଣ ମନେହୁଏ । ସଂସ୍କୃତି ମଣିଷ ଜାତିର ସମଷ୍ଟିଗତ ଜୀବନଯାପନ ପ୍ରଣାଳୀକୁ ବୁଝାଏ । ସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଯଥାଯଥ ଦୃଷ୍ଟିନଦେଲେ ସଂସ୍କୃତିର ଯଥାର୍ଥ ଅନୁଶୀଳନ ଓ ବିଚାର ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରେ ନାହିଁ । ଆଦିବାସୀ ସଂସ୍କୃତିର ଆଲୋଚନାରେ ଆଦିବାସୀ ସମାଜର ଭାଷା, ଅର୍ଥନୀତି, ପାରମ୍ପରିକ ଆଚର ବ୍ୟବହାର, ପରିବେଷ୍ଟନୀ, ଧର୍ମବିଶ୍ୱାସୀ ଓ ଉପାସନା, ନୃତ୍ୟ ଓ ସଙ୍ଗୀତଭିତ୍ତିକ ମୌଖିକ ଓ ଲିଖିତ ସାହିତ୍ୟ, ଅବସର ବିନୋଦନ, ରାଜନୈତିକ ଅନୁଷ୍ଠାନ ଓ ବିଚାର ଧାରା, ବିବାହ, ପରିବାର ଗଠନ ଓ ଜ୍ଞାତି କୁଟୁମ୍ବ ସମ୍ପର୍କ ବିଚାର, ସାମାଜିକ ସଂଗଠନ ଓ ଐକ୍ୟଭାବ ଇତ୍ୟାଦି ବିଶେଷ ଦିଗଗୁଡ଼ିକ ପ୍ରତି ଉଚିତ୍ ଧ୍ୟାନ ଦେବାକୁ ହୋଇଥାଏ ।

ଭାଷାଗତ ତଥ୍ୟକୁ ନେଇ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତରେ ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଯଥା-(୧) ଭାରତୀୟ - ଆର୍ଯ୍ୟ ଭାଷାଗୋଷ୍ଠୀ, (୨) ଦ୍ରାବିଡ଼ୀୟ ଭାଷାଗୋଷ୍ଠୀ, (୩) ତିବ୍‌ତୋ-ବର୍ମୀଜ ଭାଷାଗୋଷ୍ଠୀ ଓ (୪) ଅଷ୍ଟ୍ରିକ୍ ଭାଷା ଗୋଷ୍ଠୀ । ଭାରତରେ ଅନ୍ୟୁନ ୪୦୦ ପ୍ରକାର ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ଏଣୁ ପ୍ରାୟତଃ ଅଧିକାଂଶ ଆଦିବାସୀ ଗୋଷ୍ଠୀର ନିଜସ୍ୱ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । ଆମ ଓଡ଼ିଶାରେ ତିବତୋ-ବର୍ମୀଜ୍ ଭାଷା ଗୋଷ୍ଠୀର କୌଣସି ଆଦିବାସୀ ନଥିବାରୁ ଓଡ଼ିଶାର ଆଦିବାସୀମାନଙ୍କୁ ଅବଶିଷ୍ଟ ତିନି ପ୍ରକାର ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଦକ୍ଷିଣୀ ଓଡ଼ିଆ କହୁଥିବା

ଦେଶିଆ, ଭୂମୀୟା, ଝରିଆ ଓ ମାଟିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ କହୁଥିବା କନ୍ଧାନ୍, ଲରିଆ, ଅଘରିଆ, ଭୂୟାଁ ଓ ଭୂଲିଆ; ଉତ୍ତରାଞ୍ଚଳୀୟ-ଓଡ଼ିଆ ବା ବଙ୍ଗଳା ମିଶ୍ରିତ ଓଡ଼ିଆ କହୁଥିବା କୁର୍ମୀ; ସାଦ୍ରି-ଛତିଶଗଡ଼ି-ହିନ୍ଦୀ କହୁଥିବା ବିନ୍‌ଝିଆ; ଔପଭାଷିକ ହିନ୍ଦୀ କହୁଥିବା ବନ୍‌ଜାରା; ଛତିଶଗଡ଼ି କହୁଥିବା ବଇଗା, ମିଶ୍ରିତ ମରାଠୀ କହୁଥିବା ଭୂଞ୍ଜିଆ, ଓଡ଼ିଆ, ମରାଠୀ ଓ ଛିତିଶଗଡ଼ି ମିଶ୍ରିତ ଭାଷା କହୁଥିବା ହାଲ୍‌ବି ଇତ୍ୟାଦି ଭାରତୀୟ- ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ତର୍ଗତ । ପର୍‌ଜି (ଧାରୁଆ), କୋୟା, କୁଇ (କୁଟିଆ) (ଡଙ୍ଗରିଆ), କନ୍ଧା/କୁବି (କନ୍ଧଡୋରା), ଓଲାରି (ଗଦବା), କୁରୁଖ (ଓରାଓଁ), ଗଣ୍ଡି (ଗଣ୍ଡ), ମାଡ଼ିଆ, କୁଭି (ଜାତାପୁ କନ୍ଧ, ପେଙ୍ଗକନ୍ଧ) ଓ କିସାନ ଇତ୍ୟାଦି ଭାଷା ଗୋଷ୍ଠୀ ଦ୍ରାବିଡ଼ୀୟ ଭାଷା ପରିବାରର ଅନ୍ତର୍ଗତ । ଶେଷରେ ଅଷ୍ଟ୍ରିକ ଭାଷା ଗୋଷ୍ଠୀରେ ଗ୍‌ତା (ଡିଡାୟୀ), ଗୁତବ୍ (ଗଦ୍‌ବା), ଜୁଆଙ୍ଗ, ବିରହର୍ (ମାଙ୍କିଡ଼ିଆ), ମୁଣ୍ଡାରୀ (ମୁଣ୍ଡା), ସାନ୍ତାଳୀ, ସୋରା (ସଉରା-ଲାଞ୍ଜିଆ, ଜୁରେ, ଆର୍‌ସି ଇତ୍ୟାଦି) ଗୋରୁମ୍ (ପାାରେଙ୍ଗା), ରେମୋ (ବଣ୍ଡା), ଖରିଆ, କୋରୱା, ଭୂମିଜ, ହୋ (ହୋ ଏବଂ କୋହ୍ଲ) ଓ ମାହିଲି (ମାହାଲି) ଅନ୍ତର୍ଗତ ହୋଇଥିବାର ଦେଖାଯାଏ ।

ଅଧିକାଂଶ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ହେଁ ଲିପିଥିବା ଭାଷାଗୁଡ଼ିକଠାରୁ ଏସବୁ କୌଣସି ଗୁଣରେ ନ୍ୟୁନ ନୁହେଁ । ଭାଷାତତ୍ତ୍ୱବିଦ୍‌ମାନଙ୍କ ମତରେ ଏସବୁ ଭାଷାରେ ଧ୍ୱନିତତ୍ତ୍ୱ ଓ ଶବ୍ଦ ଭେଦରେ ଦ୍ୱୈତ ସଂରଚନା ବା ଗଢ଼ଣ ସାଙ୍ଗକୁ ସୃଜନ ସାମର୍ଥ୍ୟ (ସୃଜନ ଓ ନୂତନତ୍ୱ) ରହିଛି । ତଥାପି ସାଧାରଣ ଦୃଷ୍ଟିରୁ ଏହା, ଲିଖିତ ସାହିତ୍ୟିକ ପରମ୍ପରା ଯେଭଳି ସୁରକ୍ଷିତ ପରମ୍ପରା ଅନୁବର୍ତ୍ତୀ ରହିଛି, ତାହା ଦେଖିଲେ, ଅତ୍ୟନ୍ତ ପ୍ରଶଂସନୀୟ ମନେହୁଏ । ଇତି ମଧ୍ୟରେ କେତେକ ଆଦିବାସୀ ଭାଷା ସ୍ଥାନୀୟ ମୁଖ୍ୟ ଭାଷା ଓଡ଼ିଆକୁ ବ୍ୟବହାର କରି ଏକ ଲିଖିତ ସାହିତ୍ୟିକ ପରମ୍ପରାରେ ମନୋନିବେଶ କଲେଣି । ଆଉ କେତେକ ଭାଷା ନିଜସ୍ୱ ଲିପି ବ୍ୟବହାର କରି ଏ ଦିଗରେ ଅନେକ ଆଗେଇ ଗଲେଣି । ସାନ୍ତାଳମାନଙ୍କ 'ଅଲ୍‌ଚିକି, ହୋ ମାନଙ୍କର ୱାରଙ୍ଗ୍‌ଚିତି ଓ ସଉରାମାନଙ୍କର 'ସୋରାଙ୍ଗ ସୋମ୍ପେଙ୍ଗ' ଏହାର ପ୍ରକୃଷ୍ଟ ଉଦାହରଣ । ଏ ପ୍ରକାର ଲିପିର ବ୍ୟବହାର ଫଳରେ ସେମାନେ ଉଚ୍ଚ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ ସମର୍ଥ ହୋଇପାରିଛନ୍ତି ।

ସଂପ୍ରତି ବାର୍ଷିକ କ୍ୟାଲେଣ୍ଡର ବା ପାଞ୍ଜି ଓ ସମ୍ବାଦ ପରିକ୍ରମା ପ୍ରକାଶନ ସାଙ୍ଗକୁ ପରମ୍ପରା ଗତ ସଂଗୀତ, ପ୍ରବାଦ, ପ୍ରହେଳିକା, ସାଙ୍କେତିକ ପ୍ରଶ୍ନ, ଢ଼ଗ ଢ଼ମାଳି, କାହାଣୀ ଇତ୍ୟାଦିକୁ ନେଇ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣ କରିପାରିଛନ୍ତି ।

ଓଡ଼ିଆ ଏକ ବିଚିତ୍ର ଭାଷାକ୍ଷେତ୍ର ନଈଁକେ ବାଙ୍କ, ଦେଶକେ ଫାଙ୍କ୍ ପରି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଗଲେ ଭାଷାରେ ଅନ୍ତର ହେବା ଓଡ଼ିଶା ରାଜ୍ୟରେ ସାଧାରଣ କଥା । ଏପରିକି ଅଛି ଏକ ଏକ ଗ୍ରାମରେ ଏକାଧିକ ଭାଷାଭାଷି ଗୋଷ୍ଠି ବସବାସ କରି ପ୍ରତ୍ୟେକ ଅପରଠାରୁ ଅପରିଚିତ ମନେ ହୁଅନ୍ତି. କେବଳ ଭାହା ବିଭେଦ କଥା ନୁହେଁ ସଂସ୍କୃତିରେ ମଧ୍ୟ ବିବିଧତା ପରିଲକ୍ଷିତ ହେବା ଏକ ସାଧାରଣ ଘଟଣା । ଏହିପରି ବହୁ ଭାଷା ଓ ବହୁ ସଂସ୍କୃତି ସମ୍ବଳିତ ଓଡିଶାର ମାନଚିତ୍ର ଏକ ଚିତ୍ରିତ ଚାଦର ଭଳିଆ ମନେହୁଏ । ସମତଳ ଅଞ୍ଚଳକୁ ଛାଡ଼ିଦେଲେ ଆଦିବାସୀ ଅଞ୍ଚଳରେ ଭାଷା ବିବିଧତା ଅତି ଗମ୍ଭୀର । ଭିନ୍ନ ଭିନ୍ନ ଭାଷା ଗୋଷ୍ଠୀ ଏକତ୍ର ସହବାସ୍ଥାନ କରିଥାନ୍ତି ଏବଂ ନିଜ ନିଜ ସଂସ୍କୃତି ଭିତରେ ଆତଯାତ ହୁଅନ୍ତି । ପରସ୍ପର ପରସ୍ପରଠାରୁ ଅଲଗା ଓ ଅବୁଝା ମନେ ହଉଥିଲେ ସୁଦ୍ଧା ଏମାନଙ୍କର ବାହାର ଦୁନିଆ ଏକ ପେନ୍ଥାରେ ଗୁନ୍ଥା ବୋଲି ମନେହୁଏ । ସହଜରେ ଓ ସରଳ ଭାବରେ ସେମାନେ ଏକ ତୃତୀୟ ଭାଷାକୁ ନିଜର ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଗ୍ରହଣ କରିନିଅନ୍ତି । କିନ୍ତୁ ଏହି ଗ୍ରହଣ କରିବାର କ୍ଷେତ୍ର ଆପାତତଃ ବୟସ୍କଙ୍କ କ୍ଷେତ୍ରରେ ସମ୍ଭବ ହୋଇଥାଏ. ପିଲାମାନେ ଯେଉଁମାନେ ସ୍କୁଲ ମାଡି ନଥାନ୍ତି ବା ନୂଆ ନୂଆ ସ୍କୁଲ ଯିବା ଆରମ୍ଭ କରୁଥାନ୍ତି ସେମାନଙ୍କ ତାଙ୍କ ମାତୃଭାଷା ଛଡା ଅନ୍ୟ ଭାଷାରେ କୌଣସି ଦକ୍ଷତା ହାସଲ କରିନଥାନ୍ତି । ସ୍କୁଲ ଆସିଲା ବେଳକୁ ସେମାନେ ଏକ ଅଜଣା ଜଗତ ସମ୍ପର୍କରେ ଆସନ୍ତି । ଏଠି ଶିକ୍ଷକ ବା ତା ନୂଆ ସାଥି ସମସ୍ତେ ଅଜଣା ଏବଂ ଅନ୍ୟ ଭାଷା ଓ ସଂସ୍କୃତିର ଅଧିକାର । ତେଣୁ ପିଲା ମନରେ ଅହେତୁକ ଆଶଙ୍କାଟିଏ ପଶିଯାଏ ଏବଂ ସେ ଏହି ପରସଂସ୍କୃତିର ଭାବକୁ ବୁଝିବାରେ ଅକ୍ଷମ ହୁଏ । ଏହି ବୁଝାମଣାର ଅଭାବରୁ ସେ ହୁଏ ପଛୁଆ । ସେ ଖୋଜେ ସାଥୀଟିଏ ଯିଏ ତା କଥା ବୁଝୁଥିବା ବା ଭାଷାରେ ଦୁଇପଦ ବୁଝାଉଥିବ । ଏପରି ବାତାବରଣ ସୃଷ୍ଟି ହେଲେ ସେ ଖୁସି ହୁଏ ଏବଂ ସମସ୍ତ ବାଧାବିଘ୍ନ ହଟାଇ ସେ ଆଗକୁ ମାଡିବାରେ ସକ୍ଷମ ହୁଏ ।

ବୁଝାବୁଝି ଏହି ଭାବକୁ ଯୋଡିବାକୁ ହେଲେ ପ୍ରଥମେ ପିଲାର ପ୍ରଥମ ସମ୍ପର୍କ ଶିକ୍ଷକ ସହିତ ହୁଏ । ଦି ଶିକ୍ଷକ ତା ଭାହାରେ ଦୁଇପଦ କହିଲା ବା ବୁଝାଇଲା ତେବେ ସେ ଶୀଘ୍ର ହୁଏ । ତେଣୁ ପାଠ ପଢାଇବାର ଯେଉଁ ଅକଲ ମାନ ଆବଶ୍ୟକ ପ୍ରଥମେ ତାହା ହେଲା ତାହା ସହିତ ତା ଭାଷାରେ ଭାବଗତ ଆଦାନପ୍ରଦାନ ଏବଂ ସେ ବୁଝିପାରୁଥିବା ଢଙ୍ଗରେ ବୁଝାଇ ପାରିବାର ଅକଲ । ଏହା ସମ୍ଭବ ଶିକ୍ଷକ ପାଖରେ ଯଦି କିଛି ଶିଖିଲା ଭଳି ବା ଅର୍ଥାନ୍ତର କଲା ଭଳି ଶବ୍ଦ, ବାକ୍ୟ ଓ କଥୋପକଥନ ତାଲିକାଟିଏ ହାତ ପାହାନ୍ତରେ ଥିବ । ଏହାକୁ ଚିନ୍ତାକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢୁଥିବା ପିଲାମାନଙ୍କୁ ବୁଝିଲା ଓ ବୁଝାଇଲା ପରି ସମସ୍ତର ପରିକଳ୍ପନା କରାଯାଇଛି ।

ଓଡ଼ିଶାର ପଶ୍ଚିମ-ଉତ୍ତରାଞ୍ଚଳରେ ସଂଖ୍ୟାତ୍ମକ ଭୂୟାଁ ଗୋଷ୍ଠୀ ବସବାସ କରନ୍ତି । ବୌଦ୍ଧକାଳୀନ ସମୟରୁ ଏମାନଙ୍କ ପ୍ରସିଦ୍ଧି ରହିଛି । ଏମାନେ ଅନେକ ଶାଖାରେ ଉକ୍ତ ପ୍ରାଚୀନ ଗୋଷ୍ଠୀ ହିସାବରେ ପାଉଡିଁ ଭୂୟା ବା ପାହାଡିଭୂୟାଁର ସ୍ଥାନ ସ୍ୱତନ୍ତ୍ର । ସ୍ଥାନୀୟ ଓଡ଼ିଆର ଏକ ଆଞ୍ଚଳିକ ବୋଲି/ ଉପଭାଷା ହିସାବରେ ଏହା ପରିଗଣିତ ହେଲେ ମଧ୍ୟ ଅର୍ଦ୍ଧମାଗଧିର ପରବର୍ତ୍ତୀ ବିକାଶ ସମଲପୁରୀ-କୌଶଲୀ ଶାଖାର ଏକ ଉପଗୋଷ୍ଠୀ ହିସାବରେ ଏହା ସମ୍ପର୍କିତ । ପାଉଡିଁଭୂୟାଁ ମୁଖ୍ୟ ସ୍ରୋତ ସହ ସାମିଲ ହେବା ପୂର୍ବରୁ ସେମାନଙ୍କ ଭାଷିକ ବିଭବକୁ ଆକଳନ କରିବା ସହ ସେହି କ୍ରମରେ ସେମାନଙ୍କ ଶୈକ୍ଷିକ ବିକାଶ କରାଇବା ଆଜିର ଆହ୍ୱାନ ।

ପରିକଳ୍ପିତ ଓଡ଼ିଆ ଭୂୟାଁ ଶବ୍ଦକୋଷ ସେହି ପିଲା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ, ଯେଉଁଥିରେ ନିତିଦିନିଆ ବ୍ୟବହାରରେ ଆସୁଥିବା ଶବ୍ଦ ଓ ବାକ୍ୟ ସହ କଥୋପକଥନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ୍ୟ ବହିର ସରଳ ଅର୍ଥବୋଧକ ଶବ୍ଦ ସମ୍ବଳିତ ଏକ ପୁସ୍ତିକା ସଂକଳିତ ହୋଇଛି । ଏହି ପୁସ୍ତିକା ଶିକ୍ଷକମାନଙ୍କ ବ୍ୟବହାରରେ ଆସିବା ସହ ଅଭିଭାବକ ଛାତ୍ରଛାତ୍ରୀ ତଥା ଶିକ୍ଷା ସହିତ ସଂପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ସଦ୍‌ବ୍ୟବହାରରେ ଆସିବ ବୋଲି ଆଶା ଓ ବିଶ୍ୱାସ ।

ଅଖିଳ ବିହାରୀ ଓତା

# ଅ

ଅଦା:ଅଦାରସ ଦେହାକୁ ଭଲ : ଅଦାରସ୍ ଦେହେକଯ୍ ଭଲ୍

ଅଦା ମସଲାରେ ଲାଗେ : ଅଦା ମସଲାକେ ଲାଗଯ୍

ଅଠର : ଅଠର

୨୮ (ଅଠେଇଶୀ) : ଅଠାଇଶ୍ (୨୮)

ଅଙ୍ଗୁର : ଆଗୁଂର୍

ଅଣ୍ଡା: ଅଣ୍ଡା ତରକାରୀ : ନିହ୍ନା ତୁଣ

ଅରୁଆ ଚାଉଳ: ଉଆ ଚାଉଳ : ଉଆ ଚାଉଳ

ଅଳା : ଛୁରୁକଟୋଡ

ଅଖ: ଅଖ ଶଗଡ଼ ଚକ ପାଇଁ ବ୍ୟବହାର ହୁଏ : ଅଖ୍ : ଅଖ ଶଗଡ଼ ଚକ୍ ଲାଗି ବେଭାର ହେଇ୍

ଅଂଟା : ଅଂଟା,ଅଣ୍ଟା

ଅସରପା : ସମାଲି

ଅନ୍ଧାର : ଅନ୍ଧାରରେ ପିଲା ଡ଼ରନ୍ତି : ଅନ୍ଧାର୍: ଅନ୍ଧାରକେ ସୁଆ ଡ଼ରନ୍ତ୍

ଅନୁମାନ ମାପ : ଅନ୍ମାନିଆଁ ମାପ୍

ଅୟୁତ : ଆୟୁତ

ଅଠର : ଅଠର

ଅଷ୍ଟମ : ଅଷ୍ଟମ୍

ଅମୃତଭଣ୍ଡା : ଜଡା, (ରାମ୍ ଜଡା)

ଔଷଧ ଗଛ୍ : ଓଷ ଗସ୍, ଅଷ ଗସ୍

ଅଶ୍ୱତଗଛ ତଳେ ଥଣ୍ଡା ଲାଗେ : ଜଳି ଗସ୍ ତଳେ ହେମା/ହେମାଳ ଲାଗଇ

ଅଳସି : ଅଳମ୍

ଅମାବାସ୍ୟା:ଅମାବାସ୍ୟା ଦିନ ପୂଜା କରନ୍ତି : ଅମିଷା: ଅମିଷା ଦିନ ପୂଜା କରନ୍ତି

ଅପରଦିନ : ଅପର୍ ଦିନ୍

ଅଳସୁଆ : ଅଲ୍ସୁଆ

ଅତିଥି : ସେ ଆମର ଅତିଥି : କୁଣିଆଁ,କୁଣିଆଁ : ସିଏ ଆମ୍ର କୁଣିଆ

# ଆ

ଆମ୍ବ : ଆମ୍ବଗଛ : ଆମ୍ : ଆମ୍ ଗସ୍

| | | |
|---|---|---|
| ଆଳୁଭଜା | : | ଆଲୁତୁଣ୍ |
| ଆଖୁ | : | ଆଖୁ |
| ଆତ | : | ବଢ଼ଲା |
| ଆପୁଲ୍ | : | ସେଓ |
| ଆଖି : ମୋର ଆଖିରେ ଦେଖିଲି | : | ଆଁଖି : ମର୍ ଆଖିଁକେ ଦେଖିଲି |
| ଆଣ୍ଠୁ | : | ଆଣ୍ଠୁ |
| ଆଙ୍ଗୁଠି | : | ଆଙ୍ଗୁଳି |
| ଆଠ(୮) | : | ଆଠ୍ |
| ଆକାଶ : ଆକାଶ ବେଶି ସୁନ୍ଦର | : | ଅକାଶ୍ : ଅକାଶ୍ ବଡେ ସୁନ୍ଦର |
| ଆଜିକାଲି | : | ଆଜ୍କାଲି |
| ଆସ | : | ଆସ |
| ଆଙ୍କିବା | : | ଆକିବାଟା (ବନ୍‌ମା/ଚିତ୍ରକରିବା) |
| ଆଖୁଗଛ | : | ଆଖୁ ଗସ୍ |
| ଆଖୁରସ ମିଠା ଲାଗେ | : | ଆଖୁ ରସ୍ ମହୁର୍ ଲାଗଇ |
| ଆଷାଢ | : | ଆଷାଲ୍ ମାଁସ୍ |
| ଆଶ୍ୱିନ | : | ଅସିଣ୍ |
| ଆମ୍ରପତ୍ର | : | ଆମ ପତର୍ |
| ଆର୍.ଆଇ | : | ଆର୍‌ଆଇ |

ଇ

| | | |
|---|---|---|
| ଇଟା:ଇଟାରେ ଘର ବାନ୍ଧିବା | : | ଇଟାକେ ଘର୍ ବନମା |
| ଇଚ୍ଛା:ତୁମ ଇଚ୍ଛା | : | ମନ୍:ତର ମନ୍ |
| ଇନ୍ଦ୍ରଧନୁ:ଇନ୍ଦ୍ରଧନୁରେ ସାତରଙ୍ଗ | : | ବାଘଧୁଣ:ବାଘଧୁଣ୍‌କେ ସାତ୍‌ରଙ୍ଗ୍ |
| ଇଶାରା/ଠାର:ଠାର ମାରି ଡ଼ାକିଲା | : | ଠାରିବା:ଠାରି କରି ଡ଼ାକିଲା |

ଈ

| | | |
|---|---|---|
| ଈର୍ଷା | : | ହିଂସା |

ଉ

| | | |
|---|---|---|
| ଉଇ:ଉଇ କାଠଖାଏ | : | ଉଇ: ଉଇ୍ କାଠ୍ ଖାଏ୍ |
| ଉଜ୍ଜ୍ୱଳ:ଚନ୍ଦ୍ରର ଆଲୁଅ ଉଜ୍ଜ୍ୱଳ | : | ଉଜ୍ୱଳ:ଜହ୍ନର୍ ଆଲୁଅ ଉଜ୍ୱଲ୍ |

ଉଣେଇସି : ଅଣିସ୍

ଉଷୁନା ଚଉଳ : ବସଲା ଚଉଳ/ସିଝା ଚାଉଳ/ଉଷୁନା ଚାଉଳ

ଉଚ୍ଚତା : ଉଁଚା

ଉଡାଜାହାଜ : ଉଡାଜାହାଜ୍, ବିବାନ୍

ଉଆଁଶ : ଉଆଁଶ

ଉଇଁବା : ବାହାରିବା

ଉଚ୍ଛନ୍ନ : ମନ ଲାଗଛି/ମନ କରିବା, ମନବଳିବା

ଉଚାରଣ : କହୁଛି/ଏକାମିତ କହିବା

ଉଠ : ଉଠଛି/ଉଠ୍

ଉପାଡ଼ିବା : ଘିଁସି ପକାଇବା

ଉଦାର : ଉଦାର୍ ଆଣିବା/ଉଧାର୍

ଉପବାସ : ଉପାସ୍ ରହିବା

ଉପସ୍ଥାନ : ହାଜର୍

ଉପରେ : ଉପରା/ଉଁପରକେ

ଉଭୟ : ଦିବାଖେ, ଦିପାଖେ, ଦି କୁଳ

ଉସୁନା : ସିଜିଲା

## ଊ

ଉଣେଇସି : ଅଣିସ୍

ଊଣା : କମ୍

ଊର୍ଦ୍ଧ୍ୱ : ଦୁର୍/ଉଁପ୍ରେ

## ଋ

ଋଣ : ଉଧାର ଆଣିବା, ରିଣ୍

ବ୍ୟାଙ୍କର୍ ଋଣ ମିଳୁଛି : ବ୍ୟାଙ୍କରୁ ରିଣ ମେଳସି

ଋଷି : ମୁନି ଋଷୀ

ଋତୁ:ଶୀତ ଋତୁରେ ଖାଦ୍ୟ ମିଳେ : ରିତୁ:ଶୀତ ମାସରେ ଖାଇଦ ମିଳଇ,
ଶୀତ୍ ରିତୁରେ ଖାଇଦ ମେଳଇ୍

ପ୍ରଚୁର : ଢୁର୍/ଢବର୍

## ଏ

| | | |
|---|---|---|
| ଏକ | : | ଏକ୍ |
| ଏକଷୋଠି | : | ଏକଷଠି |
| ଏଗାର( ୧ ୧ ) | : | ଏଗାର୍ |
| ଏଣ୍ଡୁଅ | : | କେଁକଟ୍ |
| ଏଣ୍ଡିପୋକ | : | ଏଣ୍ଡିପକ୍ |
| ଏଣ୍ଡିପୋକ ଗୋଟିଏ ଗଛରେ ବସା ବାନ୍ଧିଛି | : | ଏଣ୍ଡି ପକ୍‌ଟା ଗଟେ ଗସ୍ କେ ବାସ୍ ବାନ୍ଧିସି |
| ଏକକ | : | ଗୋଟେ/ଗଟେ |
| ଏକତା | : | ଏକାଠି, ଏକ୍‌ମେଲ୍ |
| ଏଇଠି | : | ଏଠି |
| ଏଣୁ | : | ହିଂଠାଣୁ, ହିଁବକୟ୍ |
| ଏଭଳି | : | ଏମିତି/ଇମିତିର୍ |

## ଉ

| | | |
|---|---|---|
| ଉଇ:ଉଇ କାଠ ଖାଏ | : | ଉଇ:ଉଇଟା କାଠ୍ ଖାଏ |
| ଉଜଳ:ଚନ୍ଦ୍ରର ଆଲୁଅ ଉଜ୍ଜଳ | : | ଉଜ୍ଜଳ:ଜହ୍ନ ଉକିଆ ହେଇ |
| ଉକୁଣୀ:ତୋ ମୁଣ୍ଡକେ ଉକୁଣି | : | ଉଖୁଣି:ତର ମୁଣ୍ଡକେ ଉଖୁଣି |
| ଉଣେଇସି | : | ଉଣିସି, ଅଣିସ୍ |

## ଐ

| | | |
|---|---|---|
| ଐରାବାତ | : | ହାତୀ |
| ଐତିହାସିକ | : | ପୁରୁଣା କଥା/ପୁନା କଥା, ପୁର୍ଣ୍ଣା କଥା କୁହା |
| ଏମାନଙ୍କର ଐସିହାସିକ କଥା ଅଛି | : | ଇଆଙ୍କର ପୁନା କଥା ଆଛି<br>ଇଲାର ପୁର୍ଣ୍ଣା କଥା ଆସି |

## ଓ

| | | |
|---|---|---|
| ଓଟ | : | ଓଟ |
| ଓଠ | : | ଠଡ଼୍ |
| ଓଜନ | : | ଭାରି |
| ଓଲଟା | : | ଲେଉଟିଆ |

| | | |
|---|---|---|
| ଓଳି:ଆଜି ଗୋଟିଏ ଓଳି ଥିଲି | : | ଓଲି:ଆଜି ଗଟେ ଉଲି ଥିଲି |
| ଓହ୍ଲାଇବା | : | ଅଦରିବା |
| ଡଙ୍ଗରରୁ ଓହ୍ଲାଇବା | : | ଡଙ୍ଗର ଅଦର୍ କମାଣିରୁ ଅଦରିବା |
| ଓସାର | : | ଅସାର୍ |
| ତୁମ ଘର ଓସାର | : | ତମର ଘରଟା ଅସାରିଆ |

## ଔ

| | | |
|---|---|---|
| ଔଷଧ | : | ଉଷଦ୍ |
| ଔଷଧ ଖାଆଁ | : | ଉଷଦ୍ ଖା |
| ଔଷାଧାଳୟ | : | ଅଷ ଦୁକାନ୍ |

## କ

| | | |
|---|---|---|
| କେଉଁଠି | : | କେଠିଁ |
| କ'ଣ | : | କିଶ୍, କିସ୍ |
| କାଙ୍କଡ଼ | : | କାଙ୍କଲ୍ |
| କାହାଣି | : | ଗପ/କଥାଣି, ବଖାଣି |
| ବୂଢା ବାପା ଠାରୁ କାହାଣି | : | ବୂଢ଼ା ବାପା ଠାରୁ କଥାଣି/ବଖାଣି |
| କଜଳ | : | କଜଲ୍ |
| କାର୍ତିକ ମାସ | : | କାର୍ତିକ୍ ମାଁସ୍ |
| କଳା | : | କାଲିଆ |
| ମୟୁରର କୃଷ୍ଣ ରଙ୍ଗ ଅଛି | : | ମଝୁରର୍ କୃଷ୍ଣ ରଙ୍ଗ ଆସି |
| କୂଅ | : | କୂଅ, କୁଉ |
| କୃଷକ | : | ଋଷି/ଚାଷୀ |
| କେନ୍ଦୁ | : | କେନ୍ଦୁ |
| କର୍କି | : | ପାଣିପକ/ ପାଟ୍ପଣିଆଁ |
| କଅଁଳ ପତ୍ର | : | କଅଁଳିଆ ପତ୍ର, କହଁଲ୍ ପତର୍ |
| କଙ୍କଡ଼ା ବିଛା | : | କଙ୍କଲା ବିଶା |
| କୋଇଲି | : | କୁଇଁଲି |
| କୋଳଥ | : | କୁଲଥ୍ |

| | | |
|---|---|---|
| କାନ୍ଦୁଲ | : | ହରଡ, ରାହାଲି |
| କୋସଲା | : | କୁଶଲା |
| ଏ ବର୍ଷ କୋସଲା ଭଲ ହେଲା | : | ଇ ବର୍ଷ କୋସଲା ନିକ ହେଲା |
| କାଲି | : | କାଲି୍ |
| କ୍ରମିକ ନଂ | : | କ୍ରମିକ ନଂ |
| କଠଉ | : | କଠାଉ |
| କଠଉ ପିନ୍ଧିଲେ କାଦୁଅ ଲାଗିବ | : | କଠାଉ ପିନ୍ଧିନେ କାଦୁ ନା ଲାଗଇ |
| କାଉ | : | କାଉ |
| ସକାଳୁ କାଉ କା କା କରଇ | : | ସଖାଲୁଁ କାଉ କା କା କରଇ |
| କାଇଁଫୁଲ | : | କଇଁଫୁଲ୍ |
| କଳ | : | କଲ୍ |
| ଧାନକଳ | : | ଧାନ୍ ମିଶିନ୍, ଧାନ କଲ୍ |
| କାମ | : | କାମ୍ |
| ସରକାର କାମ | : | ସରକାରୀଆ କାମ୍ |
| କୁକୁଡ଼ା ଘର | : | କକୁଲି କୋଠି, କୁକୁଲି୍ ଘର୍ |
| କୁକୁଡ଼ା ପୂଜାଦେବୁ | : | କୁକୁଲି ପୂଜା ଦେମୁ |
| କଟୁରୀ | : | କଟରୀ |
| କୁଟୁଣି | : | ଢେଙ୍କି କୁଟୁଣି |
| କୁଟୁଣି ଦ୍ୱାରା ମାଣ୍ଡିଆ କୁଟିବୁ | : | ଢେଙ୍କିକେ କଦ କୁଟିମୁଁ |
| କଂଟା | : | କଂଟା |
| କୃଷ୍ଣଚୂଡ଼ା | : | କୃଷ୍ଣ ଚୂଡା |
| କାନ | : | କାନ୍ |
| କନିଷ୍ଠ | : | ସାନ୍ |
| କନ୍ଧ | : | କନ୍ଧ |
| କାନ୍ଧ | : | ଖାନ୍ଦ୍ |
| କାନ୍ଦିବା | : | କାନ୍ଦିବା |
| କୋଡିଏ | : | କୁଳିଏ |

| | | |
|---|---|---|
| କାଖ | : | କାଖ୍ |
| କୁକୁର:କୁକୁର ଆମରି ଟା | : | କୁକର:କୁକୁରଟା ଆମରଟା |
| କୁମ୍ଭୀର | : | କୁମ୍ଭୀର୍ |
| କଙ୍କଡ଼ା | : | କଙ୍କଲା |
| କଙ୍କଡ଼ା ମାଂସ ଭଲ | : | କଙ୍କଲା ମାଇଁଶ ବଢ଼ିଆଁ |
| କଇଁଚ | : | କସିଅଁ, କଠୁ |
| କୁଟ୍ରା | : | କଟାରି |
| କୁକୁଡ଼ା | : | କୁନ୍ଦୁଲି |
| କାପତି | : | କପ୍ଟା |
| କଜଳପାତି | : | କାମଚିଆ |
| କାଠହଣା | : | ସରସ୍ୱତୀ ଚଲଇ |
| କପାଳ | : | କପାଲ୍ |
| କଲରା | : | କଲରା |
| କୁନ୍ଦରି | : | କୁନ୍ଦୁରି |
| କନ୍ଦମୂଳ | : | ଟଣ୍ଡକଲି ଆଳୁ |
| କାଙ୍କଡ଼ | : | କାଙ୍କଲ୍ |
| କବାଟ | : | ଦୁଗାଲି |
| କାଠଚମ୍ପା | : | କାଠଚମ୍ପା |
| କନିୟର ଫୁଲ | : | କନେକ ଚମ୍ପା |
| କ୍ରୟ | : | ଘେନିମା |
| କ୍ରମିକ | : | ପଶାକି ପଶା |
| କ୍ୟାଫୁଲ | : | କିଆଫୁଲ୍ |
| କଢି | : | କଲହ |
| କଳାବର୍ଣ୍ଣ | : | କଳାରଙ୍ଗ୍, କାଳିଆ ରଙ୍ଗ୍ |
| କେଜି:କେଜି ସପୁରି କେତେ | : | କେତେଭାର୍:ସପୁରିଲା କିଲ୍ କେତେ, କେଜି |
| କଳାପଟା | : | କଳାପଟା |
| କହୁଁଣି | : | କହୁଁଣି |

| | | |
|---|---|---|
| କଲମ:କଲମରେ ଲେଖନ୍ତି | : | କଲମ୍ :କଲମ୍‌କେ ଲେଖନ୍ତି |
| କାଗଜ | : | କାଗଜ୍ |
| କାର୍ଯ୍ୟାଳୟ | : | ଅଫିସ୍ |
| କୃଷକ:କୃଷକ ଚାଷ କରେ | : | ହଳିଆ:ହଳିଆ ଚାଷ କରଇ,ଚାସୀ, ଚାସି |
| କଣ୍ଢେଇ | : | ପୁତୁଲି, ସରପ୍ |
| କାମକର | : | କାମ୍‌କର୍ |
| କଲମି | : | କଲ୍‌ମୀ |
| କମଳା | : | କମଳା |
| କମଳା ଶୀତ ଦିନେ ମିଳେ | : | କମଳା ଶୀତ ଦିନରେ ମିଳଇ |
| କାହାସ୍ଥାନ | : | କାରସ୍ଥାନ, କାହାର୍ ଜାଗା |
| କାର | : | କାର୍ |
| କିଆଫୁଲ | : | କିୟା |
| କଜଳ | : | କାଜଳ |
| ଝିଅ ଆଖିରେ କଜଳ ଲଗାନ୍ତି | : | ଟକିଲା ଆଖିଁକେ କାଜଳ ଲଗାନ୍ତି |
| କାକୁଡ଼ି | : | କାକଲି |
| କାଜୁ | : | କାଦୁ, ଲଙ୍କା ଭାଲିଆ |
| କଦଳୀମଞ୍ଜା | : | କଦଳିମଞ୍ଜା |
| କୃଷ୍ଣପକ୍ଷ | : | ଅନ୍ଧାର ପକ୍ଷ |
| କୁକୁଡ଼ାପିଲା | : | କୁକୁଲି ସୁଆ(ଚିଆଁ) |
| କାର୍ତ୍ତିକ ମାସ | : | କାର୍ତିକମାସ୍ |
| କାର | : | କାର୍ |
| କୂଅ | : | କୁଉ |
| କୃଷକ | : | ହଳିଆ, ଚାସୀ |
| କୁଣିଆ | : | କୁଣିଆଁ |
| କୁମ୍ଭାଟୁଆ | : | ବୁଡ଼ୀ କୁମୁଟିଆ |

## ଖ

| | | |
|---|---|---|
| ଖଜୁରୀ | : | ଖୁଜୁରି |

| | | |
|---|---|---|
| ଖଜା:ଯାତ୍ରାର ଖଜା | : | ଖଜା |
| ଖଜୁରୀ ଗଛ | : | ଖୁଜୁରୀ ଗସ୍ |
| ପିଲାଟିର ବାଳ ଖଇରିଆ | : | ପିଲାଟାର ଚୁଟିଲା ଖଇରିଆ, ଫକ୍ସିଆ |
| ଖଡ଼କା/ଖଡିକା | : | ଖଳିକା |
| ଖଟା | : | ଆମ୍ବିଲା/ଆମ୍ବିଳା/ଅମିଳା |
| ଟମାଟ ଖଟା ଆଣ | : | ପାଚଲଘଣ୍ଟା ଖଟା ଆଣ୍ |
| ଖୁଂଟି | : | ଖୁଂଟି,ଖୁଣ୍ଟି |
| ଖାଇବା | : | ଖାଇ, ଖାଇବା |
| ଖଟ | : | ଖଟ୍ |
| ଖଟରେ ବାବୁ ବସିବ | : | ଖଟ୍କେ ବାବୁ ବସିଆକ୍ |
| ଖପୁରୀ | : | ଖେପେର୍ |

**ଗ**

| | | |
|---|---|---|
| ଗହମ | : | ଗହମ୍ |
| ଗୁଣନ | : | ଗୁଣନ୍ |
| ଗୁଣ | : | ଗୁଣ |
| ଗାଇବା | : | ଗାଇମା |
| ଗାଈ | : | ଗାଈ |
| ଗଡି | : | ଗଢ଼ି |
| ଗୋଲ | : | ଗୋଲ୍ |
| ଗରମ | : | ଗରମ୍ |
| ତରକାରୀ ଗରମ | : | ତୁଣ୍ଟା ଗରମ୍/ତୁଲ୍ଟା ଗରମ୍ |
| ଗୟଳ | : | ଗୟଲ୍ |
| ଗଧ | : | ଗଧ |
| ଗଧ କାଠ ଆଣିବ | : | ଗଧଟା କାଠ୍ ଆଣିଆକ୍ |
| ଗାତ | : | ଗାତ୍ |
| ଗାଇବା | : | ଗାଇଁବା |
| ଗାର | : | ଗାର୍ |

| | | |
|---|---|---|
| ଗହ୍ଲାରିଗଛ | : | ଗହ୍ଲାରି ଗସ୍ |
| ଗେଣ୍ଡୁଫୁଲ | : | ଚପତି ଫୁଲ |
| ଗଛର ଶାଖା | : | ଗସର୍ ଡାଲ୍ |
| ଗୋବରପୋକ | : | କେଚୁକରାପକ |
| ଗୋବର | : | ଗବର |
| ଗାଲ | : | ଗାଲ୍ |
| ଗଳା | : | ତଣ୍ଡି |
| ଗହମ ଅଟା | : | ଗହମ୍ ଅଟା |
| ଗୁଣ୍ଡୁଚିମୂଷ | : | ଟିକ୍ ଟିକିଆ ମୂଷା |
| ଗୁହାଳ | : | ଗୁହାଲ୍ |
| ଗୁହାଳରେ ଗାଈ ବାନ୍ଧିବା | : | ଗୁହାଲ୍‌କେ ଗାଇଲା ବାନ୍ଧ୍‌ମା |
| ଗ୍ରୀଷ୍ମଋତୁ:ଗ୍ରୀଷ୍ମଋତୁରେ ବାହା | : | ଖରାମାସ : ଖରା ମାସ୍ ଟାଇ ବାହାଘର |
| ଗୁରୁବାର | : | ଗୁରୁବାର୍ |
| ଗତକାଲି | : | କାଲର |
| ଗତକାଲି ଯାଇଥିଲି | : | କଲର ଯାଇଥିଲି |
| କଜଳ | : | କଜଲ୍ |
| କାକୁଡ଼ି | : | କାକଲି |
| କଦଳୀ ମଞ୍ଜା | : | କଦଲୀ ମଞ୍ଜା |
| ଗଞ୍ଜା କୁକୁଡ଼ା | : | ଗଞ୍ଜା |
| କଦଳୀ ମଞ୍ଜା | : | କଦଲୀ ମଞ୍ଜା |
| ଗୁମ୍ଫା | : | ଟାଙ୍ଗର ଖୋଲ |
| ଗୁଳି | : | ଗୁଲି |
| ବାଣ | : | ବାଣ୍‌ଟା |
| ଗାଡ଼ି | : | ଗାଡ଼ିଟା |
| ଗୀତ | : | ଗୀତ୍ |
| ମେରିଆ ଗୀତ ଗାଅ | : | ମେରିଆ ଗୀତ ଗାଅ |
| ଗିନା | : | କାଂଚି |
| ଗଛ | : | ଗସ୍ |

| | | |
|---|---|---|
| ଗୋଡ | : | ଗଡ୍ |
| ଗୋଡରେ ଠିଆ ହେଉ | : | ଗଡ୍‌କେ ଠିଆ ହେଉଁ |
| ଗଣେଶପୂଜା | : | ଗଣେଶ୍ ପୂଜା |
| ଗାର ଟାଣିବା | : | ଗାର୍ ଟାଣିମା |
| ଗ୍ରାମ | : | ଗାଁ |
| ଗଡେଇବା | : | ବନମା |
| ଗାମୁଛା | : | ଗାମିଚା |
| ଗୋଳିଆ ପାଣି | : | ଗୁଳିଆ ପାଣି |
| ଗୋଇଠି | : | ରେଡ଼ି |
| ଗୋଲାପ ଫୁଲ | : | ଗୋଲାପ୍ ଫୁଲ୍ |
| ଗାଈ ଗୁହାଳ | : | ଗାଇ ଗୁହାଲ୍ |
| ଗଛର ଛାଲି | : | ଗସର ସାଲ୍ |
| ବରଗଛ ର ଛାଲି ମୋଟା | : | ବଲଗଛର ସାଲ ବହଲ୍ |
| ଗଛର ପତ୍ର | : | ଗସ୍‌ର ପତର |
| ଗଛର କାଣ୍ଡ | : | ଗସ୍‌ର ଗଣ୍ଡି |
| ଗଛର ଓହଳ | : | ଗସର ଅର୍ |
| ଗଛର ଗଣ୍ଡି | : | ଗସ୍‌ର ଗଣ୍ଡି |
| ବରଗଛର ଗଣ୍ଡିବଡ | : | ବଲର୍ସର୍ ବଡ ଗଣ୍ଡି |
| ଗଜା | : | ଗଜା |
| ଗୋରା | : | ଧବୁଲା |
| ଗୋବର ପୋକ | : | କେଚୁକରା |
| ଗେଣ୍ଡା | : | ଗେଣ୍ଡା |
| ଗୁଣନ | : | ଗୁଣ୍ |
| ଗେରୁଆ | : | ମାଁଟିଆ |
| ଗୁଲି | : | ଗୁଲି |
| ଘାଗୁଡ଼ି | : | ଗାଘୁରି |
| ଗୁଟା ହଳଦୀ | : | ଗଟା ହଳଦୀ |
| ଗାଈ ଗୁହାଳ | : | ଗାଈ ଗୁହାଳ |

## ଘ

ଘର : ଘର୍
ତୁମ ଘର ଛଣଘର : ତମର ଘରଟା ଛଣ ଘର୍
ଘଟଣା : ଘଟଣା
ଘରମଝି : ଘର୍‌ମଝିରେ
ଘର ମଝିରେ ରାନ୍ଧନ୍ତି : ଘର ମଝକେ ରାନ୍ଧନ୍ତି
ଘରର ଶେଷ ଘର : ତଳାଘର
ଘରର ତାଜା : ଘରର ତାଜା
ଘଣା : ଘଣା
ଘୋଡ଼ା : ଘୁଲା
ଘିଅ : ଘି
ଦ୍ୱୀପରେ ଘିଅ ବ୍ୟବହାର ହୁଏ : ଦ୍ୱୀପ୍‌କେ ଘି ଲାଗଇ
ଘୁଷୁରୀ : ଘୁଷୁରୀ
ଘୁଷୁରୀଶାଳ : ଘୁଷୁରୀ ଘର
ଘରଚଟିଆ : ଘରଚଟିଆ

## ଚ

ଚକା : ଚକା
ଚଟୁ : ଚେଉଟ
ଚଷମା : ଚଟୁ
ଛୋଟବଡ଼ : ସାନବଡ଼
ଚପଲ : ଜୋତା/ଚଟି
ଚୁଲି : ଚୁଲି୍
ଛେଳି ଗୁହାଳ : ସେଳି ଗୁହାଳ
ଛାତ ଘର : ପାକାଘର୍
ଚାରି : ଚରି
ଚୁଟି : ଚୁଟି
ଚନ୍ଦନଗଛ : ଚନ୍ଦନ୍ ଗସ୍
ଚନ୍ଦନ ଗଛ ଦେଖିବାକୁ ସୁନ୍ଦର : ଚନ୍ଦନ ଗସଟା ଦେଖିବାକୟ ସୁନ୍ଦର
ଚା ଗଛ : ଚହା ଗସ୍
ଚଟୁନ୍ଦ୍ରା : ଚୁଟୁଣ୍ଡା ମୂଷା

| | | |
|---|---|---|
| ଚମ୍ପା ଫୁଲ | : | ଚମ୍ପାଫୁଲ |
| ଚିତ୍ର | : | ସବି |
| ଚକୁଳି | : | ଟେଉଟ୍ ପିଠା |
| ଛଣ | : | ସଣ |
| ଚୁଡ଼ା | : | ଚୁଳା |
| ଚଉକି | : | ଚଉକି |
| ଚଉଦ | : | ଚଉଦ |
| ଘହା | : | ଘହା |
| ଚକ୍ଷୁ | : | ଚକ୍ଷୁସି, ତଷସି |
| ଚକଲେଟ | : | ଚକଲେଟ୍ |
| ଚନ୍ଦନ | : | ଚନ୍ଦନ୍ |
| ଚିହ୍ନିବା | : | ଚିହ୍ନିବା |
| ଚର୍ମ | : | ଚମଳା |
| ବିଛଣା | : | ବିସ୍ଣା |
| ଚନ୍ଦ୍ର | : | ଜହ୍ନ, ଜନ |
| ଚାବି | : | ଘବିକାଠି |
| ଅଟା ଚକଟିବା | : | ଅଟାଚକଟିବା |
| ଚକଟିବା | : | ଅଟା/ଚକ୍ଟିଆ |
| ଚଟାଣ | : | ଭୂଇଁ |
| ଚଢେଇ | : | ଚଳଇ |
| କି ଚଢେଇ | : | କିସ୍ ଚଳଇ |
| ଚିଠି | : | ଚିଠି |
| କାହାର ଚିଠି | : | କାହାର ଚିଠିଟା |
| ଚମ୍ପେଇନେଉଳ | : | ଗିଦ୍ରଲି |
| ଚାଉଳ | : | ଘଉଲ୍ |
| ଚୂନା | : | ଚୁନ୍ |
| ଚୈତ୍ରମାସ | : | ଚଇତ୍ ମାସ୍ |
| ଚନ୍ଦ୍ରଗ୍ରହଣ | : | ଜନକଯ୍ ରାହୁ ଗିଜିସି |
| ଚୁଡ଼ି | : | ବଳା |
| ଚିହ୍ନିବା | : | ଚିହ୍ନିବା |

| | | |
|---|---|---|
| ଚତୁର୍ଥ | : | ଚତୁର୍ଥ |
| ଚକି | : | ଚକି |
| ଚଇତ୍ରପର୍ବ | : | ଚଇତି ପରବ |
| ଚଇତ୍ର ପର୍ବ କରୁ | : | ଚଇତ୍ ପରବ୍ କରୁଁ |
| ଚାକର | : | ଛକର୍ |
| ଚୋର | : | ଚୋର୍ |

**ଛ**

| | | |
|---|---|---|
| ଛତା | : | ସତା |
| ମୋ ଛତା | : | ମର ସତା |
| ଛଣ | : | ସଣ |
| ଛେଳି | : | ସେଳି |
| ଛାରପୋକ | : | ଉଡ଼ସ୍ |
| ଛତୁ | : | ଛତି |
| ବର୍ଷା ଦିନେ ଛତୁ ମିଳେ | : | ବର୍ଷା ଦିନେ ସତ୍ ମିଳଇ |
| ଛପର | : | ସପର, ସାଇବା |
| ମୋ ଘର ଛପର ହେଇନି | : | ମର ଘରଟା ସାଇ ନାଇଁ |
| ଛାତି | : | ଭୁକ୍ |
| ଛାତ | : | ଛାତ୍ |
| ଛଉ | : | ସଉ |
| ଛାଲ | : | ସାଲ |
| ଛୁଂଚି | : | ସୁଜା |
| ଛୁଂଚିରେ ଲୁଗା ବୁଣନ୍ତି | : | ସୁଜା ଲୁଗା ସିଲାଇ କରନ୍ତି |
| ଛାଂଚୁଣି | : | ବାଡ୍ଡୁଣୀ |
| ଛାଣିବା | : | ସାଣିବା |
| ପାଣି ଛାଣିବା | : | ପାଣି ସାଣିବା |
| ଚା, ଛାଣିବା | : | ଚହାଳା ସାଣିବା |
| ଛବି | : | ସବି |
| ଛାୟା | : | ଛାଇ, ସାଇ୍ |
| ଛୁଇଁ | : | ଚଇଁ |
| ଛୁଇଁ ଏକ ଭଲ ପରିବା ଅଟେ | : | ଚଇଁ ନିକ ପରିବା |

| | | |
|---|---|---|
| ଛାତଘର | : | ଛାତ୍‌ଘର |
| ଛୋଟା | : | ସୁଟା |
| ଛେପ | : | ସେବଦ୍, ସେପ୍ |

ଜ

| | | |
|---|---|---|
| ଜଳ | : | ପାଣି |
| ଭଲ ପାଣି ପିଇବା | : | ନିକ ପାଣି ପିଇବା |
| ଜଙ୍ଗଲ | : | ବଣ, ଜଙ୍ଗଲ |
| ଜାଳେଣୀ | : | ଜାଳେଣୀ |
| ଜ୍ୱର | : | ଜର୍ |
| ମେଲେରିଆ ଜ୍ୱର | : | ମେଲେରିଆ ଜର୍ |
| ଜଳଖିଆ | : | ଜଲ୍‌ଖିଆ |
| ଜମି | : | କିଆର୍ |
| ଜମି ପଟାକର | : | ଜମିଣା ପଟା କରିଦେଖ |
| ଜନ୍ମ | : | ଜନମ୍ |
| ଜହ୍ନ | : | ଜନ୍ |
| ଜହ୍ନି | : | ଜହ୍ନି . |
| ଜାତକ | : | ଜନମ୍ ତାରିଖ୍ |
| ଜନନୀ | : | ମାଁ |
| ଜନକ | : | ବୁଆ, ବୁଓ୍ୱା |
| ଜନ ସାଧାରଣ | : | ଲକ୍‌ଲା |
| ଜମା କରିବା | : | ବେଙ୍କ୍‌ରେ ପଇସା ରଖ |
| ଜନସଂଖ୍ୟା | : | ଲକ ସଇଁଖା |
| ଭାରତର ଜନସଂଖ୍ୟା କେତେ | : | ଭାରତର ଲକ ସଇଁକା କେତେ ? |
| ଜନଗଣନା | : | ଲକ୍ ଗଣନ୍ତି |
| ଆମ ରାଜ୍ୟର ଜନ ଗଣନା କରିବା | : | ଆମର ରାଇଜର ଲକ୍ ଗଣିବା |
| ଜୋରିମାନା | : | ଟଣ୍ଡ |
| ଜଟ | : | ଜଟ୍ |
| ଜଗନ୍ନାଥ | : | ଜଗନାଥ ଠାକୁର |
| ଜୀବନ | : | ଜିଉ |
| ଜିଭ | : | ଜିଭ୍ |

| | | |
|---|---|---|
| ଜିଆ | : | କେଂଚୁଆ |
| ଜୁଆଖେଳ | : | ଘୁଡୁଘୁଡ଼ି ଖେଳ |
| ଜାଦୁ | : | ଦାଦ୍ |
| ତୋ ମୁହଁରେ ଜାଦୁ | : | ତର ମୁହଁକେ ଦାଦ୍‌ଟା |
| ଜଙ୍ଘ | : | ଜଙ୍ଗ୍ |
| ଜ୍ୟେଷ୍ଠ ମାସ | : | ଜେଠ୍ ମାସ୍ |
| ଜିନିଷପତ୍ର | : | ଜିନିସ୍‌ପତର |
| ଜୁଲୁଜୁଲିଆ ପୋକ | : | କୁଙ୍କୁଲୁ-ପୋକ୍ |
| ଜିଲ୍ଲାପାଳ | : | କଲ୍‌କେଟର |
| ଜିଲାରେ ବଡ଼ ଜିଲ୍ଲାପାଳ | : | ଜିଲ୍ଲାରେ ବଧାର କଲ୍‌କେଟର |

**ଝ**

| | | |
|---|---|---|
| ଝରକା | : | ଝାରକା |
| ଝରଣା | : | ଝରଣ |
| ଝଡତୋଫାନ | : | ବର୍ଷା ପବନ ହେଛି |
| ଝଡ଼ତଫାନ ଆସିଲେ ଘରଦ୍ୱାର ଭାଙ୍ଗିଯାଏ | : | ଝାଞ୍ଜି ଆସିନେ ଘର ଦୁଆର ଭାଙ୍ଗଇ |
| ଝିଟିପିଟି | : | କାଠଗିଦ୍ରା |
| ଝିପିଝିପି ବରଷା | : | ଝିପ୍ ଝିପ୍ ବରଷା |
| ଝାଡୁ | : | ବାଡୁଣି |
| ଝୋଟ | : | କାଉଁରିଆ |
| ଝିମା ଧରିବା | : | ଝିଣ୍‌ଝିଣା |
| ମୋତେ ବହୁ ସମୟ ବସିବାରୁ ଗୋଡ଼ ଝିମା ଧରିସି | : | ହାତେହେଲୁଁ ବସି ବସି ଗଡ୍‌ଟା ଝିଣ୍‌ଝିଣା ଖାସି |
| ଝିଙ୍କ | : | ଝିଙ୍କ୍ |
| ଝିଙ୍କାରୀ | : | ଝିଙ୍କାର୍ |
| ବର୍ଷା ଆଗମନରେ ଝିଙ୍କାରୀ ମାନେ ଉଡ଼ିବୁଲନ୍ତି | : | ବର୍ଷା ଆସିବା ଆଗରୁ ଝିଙ୍କାର ଲା ରେଁ ରେଁ କରନ୍ତି |
| ଝିଙ୍କାରି | : | ଝିଙ୍କାର୍ |
| ଝାଙ୍କରି ସାଧାରଣତଃ ସାହି ମଝିରେ ଥାଏ | : | ଝଙ୍କାରଲା ସାହି ଭିତର ଜାଇଥାନ୍ତି |
| ଝଗଡ଼ା | : | କଳି |
| ଝୁଣା | : | ଧୁଣା |

## ଟ

| | | |
|---|---|---|
| ଟଗର ଫୁଲ | : | ଟଗର୍ ଫୁଲ |
| ଟମାଟ | : | ବିଲାତି, ପାଚଇଘଣ୍ଟା |
| ଟମାଟ ଖାଇଲେ ରକ୍ତ ବଢ଼େ | : | ଟେମାଟୁରୁ ଖାନେ ରକତ ବଢଇ |
| ପଇସା | : | ପଇଁସା |
| ଟିଣ | : | ଟିଣି |
| ଟ୍ରକ | : | ଟ୍ରକ୍ |
| ଟେବୁଲୁ | : | ଟେବୁଲ୍ |
| ଟ୍ରାକଟର | : | ଟାକ୍‌ଟର୍ |
| ଟ୍ରାକଟର ସେ ବସିଛୁ | : | ଟାକ୍‌ଟର କେ ବସିସୁଁ |
| ଟାଓ୍ୱାଲ | : | ତଉଲିଆ |
| ଟ୍ରଲି | : | ଟଲି |
| ଟୋକେଇ | : | ଟୁକୁଲି |
| ଟୋକେଇରେ ହଳଦୀ ଅଛି | : | ଟୁକୁଲିକେ ହଳଦୀ ଆସି |
| ଟୋପାଏ | : | କଟିଏ |
| ଟାଣ | : | ଟାଣ ଲାଗିଛି |
| ଟାଇଁ ଟାଇଁ ଖରା | : | ଜୋରେ ଖରା:ଖରା ଟାଇଁ ଟାଇଁ ହୁଏ |
| ଟାଙ୍କୁ | : | ଟାଆଁକୁ |
| ଟାଙ୍ଗିଆ:ଟାଙ୍ଗିଆରେ କାଠ ହାଣିବା | : | ବୁଡିଆ : ବୁଡିଆ କେରେ କାଠ୍ ହାଣିଆଁକ୍ |
| ଟପିବା | : | ବହକିବା, ବନିବା |
| ଟାକୁଆ | : | ଟାଙ୍କୁ,ଟାଆଁକୁ |
| ଟିକିଲି | : | ଟିକିଲ୍ |
| ଟିଣ | : | ଟିଣି |
| ଟେରା | : | ଟେରା |
| ଟିମ୍ପା | : | ବୁଟି, ପୁଟୁଗୁ |
| ଟୋପି:ଖରାବେଳେ ଟପି ପିନ୍ଧ | : | ଟୁପି:ଖରା ହେନେ କି ଟୁପି ପିନ୍ଧିବ |

## ଠ

| | | |
|---|---|---|
| ଠକ | : | ଠକ୍ |
| ଠକ ମାନେ ଶୋଇଥାନ୍ତି | : | ଠକ୍‌ମାନେ ଶୁଅନ୍ତ |
| ପିଲାଟି ଭାରୀ ଠକ ଅଟେ | : | ଶୁଆଟା ବଡ଼େ ଠକୁଆ |

| | | |
|---|---|---|
| ଠେକୁଆ | : | ଖେଳିଆ |
| ଠିକ୍ | : | ଠିକ୍ |
| ଠିକଣା | : | ଠିକ୍‌ଣା |
| ଠିପି | : | ଠିପି |
| ଠିକାକାମ | : | ଭେଟି, ଭେଟିଆ |
| ଠେଙ୍ଗା | : | ଠେଙ୍ଗା |
| କଦଳୀକୁ ଠେଙ୍ଗା ବାନ୍ଧି ଆଣ୍ | : | ଠେଙ୍ଗା ବାନ୍ଧି ଆଣ୍ |
| ଠାକୁରାଣୀ | : | ମାଁ ବୁଢ଼ୀ, ଠାକୁରାଣୀ ଦେବୀ |
| ଠିକାଦାର:ମହାନ୍ତି ବାବୁ ଠିକାଦାର | : | କଂଟରାକଟ୍‌ର : ମହାନ୍ତି ବାବୁ କଂଟାରାକଟର ଠିକାଦାର୍ |

ଡ

| | | |
|---|---|---|
| ଡଙ୍ଗା | : | ଡଙ୍ଗା |
| ଡମ୍ବରୁ | : | ଡମରୁ |
| ଡାଳିମ୍ବ | : | ଡାଳିମ୍ବ |
| ଡେମ୍ଫ | : | ଢ଼େଣ୍ଟି |
| ଫୁଲର ଡେମ୍ଫ ଛିଡାନ୍ତୁ ନାହିଁ | : | ଫୁଲଟାର୍ ଢ଼େଣ୍ଟି ସିଡ଼ାଅ ନାହିଁ |
| ଡେଙ୍ଗା | : | ଢ଼େଙ୍ଗା |
| ଡେଣା | : | ଢ଼େଣା |
| ଡିମ୍ବିରି ଫଳ | : | ଡିମ୍ବୁରି ଫଲ୍ |
| ଡାଲି | : | ଡାଆଲ୍ |
| ଡଙ୍କି | : | ଡଙ୍କା, ଚେଉଟ |
| ଡଙ୍କିରେ ପାଣି କଢାଯାଏ | : | ଡଙ୍କାକେ ପାଣି କାଢ଼ନ୍ତି |
| ଡଜନ | : | ଡରଜନ୍ |
| କମଳା ଟଙ୍କାକୁ ବାରଗଟା | : | କମଲା ଟଙ୍କାକେ ଡରଜନେ |
| ଡବା | : | ଢ଼ବା |
| ଡେକିଚି | : | ଢ଼େଗ୍‌ସି |
| ଡାହାଣହାତ | : | ଖାଇଲିହାତ/ଭୁଜୁଣି ହାତ୍ |
| ଡାଲିଆଫୁଲ | : | ଡାଲିଫୁଲ୍ |
| ଡାକ୍ତର | : | ଡାକତର୍,ଢ଼ାକଦର |
| ଜ୍ୱର ହେଲେ ଡାକ୍ତର ଆସେ | : | ଜ୍ୱର ହେନେ ଡାକ୍‌ଦର୍ ଆସଇ |

## ଢ

ଢାପ : ଢାପ
ଢାପନାଚ କର : ଢାପନାଚ୍ କର୍
ଢାମାଣାସାପ : ଢମଣାସାପ୍
ଢାଙ୍କୁଣୀ : ଢ଼ାବୁଣି
ଭାତରେ ଢାଙ୍କୁଣି ଦିଅ : ଭାତ୍‌କେ ଢଙ୍କ୍‌ଣି ଦେ
ଢାମ୍ପଣ : ଝାପଣ
ଢେଉ : ଚିଲ୍‌କା ମାରିବା
ଢଗଢମାଳି : ଜହ୍ନାଣୀ
ଢମଣା : ଧମଣା
ଢେଲ : ହୁଲା
ଢଳେଇବା : ବନେଇବା
ଢୋକିବା : ଗିଳିବା, ଢ଼ୁଙ୍କିବା
ଢିପ:ମୋର ଢିପ ଜମି : ଢିପା:ମର୍ ଢିମ୍ପା ଜମି ଆସି

## ତ

ତୁମକୁ : ତମକୟ୍
ତାରା:ଆକାଶରେ ତାରା ବାହାରେ : ତରା:ଆକାଶକେ ତରା ବାହାରଇ
ତୂରୀ : ପେହେଁକାଳୀ
ତରଭୂଜ : ତରଭୁଜ
ତରଭୂତ ଖାଇଲେ ପେଟ ଥଣ୍ଡା ହୁଏ : ତରଭୁଜ୍ ଖାନେ ପେଟ୍ ଠଣ୍ଡା ହେଇ
କାକରି : କାକଳି
ତୀର : କାଣ୍ଡ୍
ରାମ ତୀର ମାରୁଛି : ରାମ କାଣ୍ଡ୍ ମାରସି
ତକିଆ : ଢକିଆ, ସତୁାଣ
ତକିଆ ପକାଇ ଶୋଇଲେ : ସୁତାଣ ପକାଇ ଶୋଇଲେ
ଟଂଟି : ଟଂଟ୍
ତଳେ : ତଳେ
ତେଲ : ତେଲ୍
ପିଲାକୁ ତେଲ ଲଗାଅ : ସୁଆଁ ଟାଳୟ୍ ତେଲ ଲଗାଅ
ତରଳଝାଡା : ପାଣିଆଁ ମଇଦାନ୍

| | | |
|---|---|---|
| ତରଣୀ | : | ଡେଉ |
| ତିଆରି | : | ବନାଇବା |
| ତାହା | : | ତାହା |
| ତାଲା | : | କଂଚି |
| ତମେ | : | ତୁଇଁ |
| ତା'ପରେ | : | ତା ପରେ |
| ତୋରଣ | : | ଗେଟ୍ |
| ତାକୁ | : | ତାକଇ |
| ତୁମର | : | ତମର୍ |
| ତରକାରୀ | : | ତୁଣ୍ |
| ତାଳ | : | ତାଲ୍ |
| ତାଳଗଛ:ତାଆଁଲ୍ | : | ତାଲଟସ୍ :ଶ୍ୟାମ ତାଲଗସ୍‌କେ ଉଠଛି |
| ତାରିଖ | : | ତାରିଖ୍ |
| ତର୍ଜନୀ | : | ତର୍ଜନୀ |
| ତେନ୍ତୁଳି | : | ତେନ୍ତେଲି |
| ତଟକାପଳେ | : | ଆମ୍ନେଡିପଲ |
| ତେନ୍ତୁଳିବିଛା | : | ଖୁଜୁରିଆ ବିସା |
| ଡଡି | : | ଠେଲିବା |
| ତଲାରି | : | ତଲାରି |
| ତହସିଲଦାର | : | ତସିଲ୍‌ଦାର |

## ଥ

| | | |
|---|---|---|
| ଥଂଟ | : | ଠଂଟ୍ |
| ସୁଆର ଠଟିଟା ଲାଲଅଟେ | : | ସୁଆର ଠଂଟ ରଙ୍ଗିଆ |
| ଥଣ୍ଡା | : | ଠଣ୍ଡା |
| ଖରା ମାସରେ ଥଣ୍ଡା ପାଣି ପିଅ | : | ଖରା ମାଁସ୍‌କେ ଠଣ୍ଡା / ହେମ୍ ପାଣି ପିଅ |
| ଥାଳି | : | ଥାଳି |
| ଥାଳିରେ ଭାତ ଖାଅ | : | ଥାଳିକେ ଭାତ ଖା |
| ଥାନା | : | ଥାନା |
| ଥାପି | : | ଥାପି |
| ଥିବା | : | ଥିବା |

| | | |
|---|---|---|
| ଥରଥର | : | ଥର୍ ଥର୍ |
| ଥରେ | : | ଥରେ |
| ଥୋଇବା | : | ରଖିବା |
| କାଚ ଗ୍ଲାସ ଉଲରେ ଥୋଇବା | : | କାଚ ଗିଲାସ୍ ଟା ନିକରେ ରଖିବା |
| ଥୋଡା | : | ମେଚା ମେଚା |
| ହରିକୁ ଅଳ୍ପ ଭାତ ଦି; | : | ହରିକି ଅଲପ ଭାତ ଦେ |
| | | ଦ |
| ଦାମ | : | ଜୋର ଦାମ୍ କରିସି |
| ସୁନା ବେଶି ଦାମ | : | ସୁନାଣା ଜୋର୍ ଦାମ୍ |
| ଦାଣ୍ଡ | : | ଡ଼ାଣ୍ଡେ |
| ଦିନ | : | ଦିନ୍ |
| ଆଜି ରବିବାର ଦିନ ଅଟେ | : | ଆଜି ଦିନ୍‌ଟା ରଇବାର |
| ଦଶ | : | ଦଶ୍ |
| ଦେବତା | : | ଦେଉଁତା |
| ଦେବତା ପୂଜା କର | : | ଦେଉଁତା ପୂଜା କର |
| ଦୋକାନ | : | ଦୁକାନ |
| ଦାନ୍ତ | : | ଦାନ୍ତ୍ |
| ଦୀପ | : | ଦୀପ୍:ମାହାପୁରୁ କି ଦୀପ ଦିଅ |
| ଦହି | : | ଦଇ |
| ଦେବଦାରୁଗଛ | : | ଦେବଦାରୁ ଗସ୍ |
| ଦାଢି | : | ଦାଲି |
| ଦଣ୍ଡ | : | ଦଣ୍ଡ୍ |
| ଶିକ୍ଷକ ପିଲାଟିକୁ ଦଣ୍ଡଦେଲେ | : | ମାଷ୍ଟର ଶୁଆଟାକୟ୍ ଦଣ୍ଡ ଦେଲାଇ |
| ଦାଦା | : | ଦଦା |
| ଦୋଳି | : | ଦଲି |
| ଦଉଡ଼ି | : | ଦେଉଲ୍ |
| ଦୌଡିରେ ଛେଳି ବାନ୍ଧ | : | ଦେଉଳି କେ ବାନ୍ଧ/ ଦେଉଲ୍‌କେ ସେଏକି ବାନ୍ଧ୍ |
| ଦୌଡିବା | : | ଘଟକିର୍ବା |
| ଦାନ | : | ନିଖାଲ କରିଦେବା |

| | | |
|---|---|---|
| ଦାଆ | : | କଟରି |
| ଦାଆରେ ଧାନ କଟାଯାଏ | : | ଦାଆଲେ ଧାନ କାଟନ୍ତି/ କଟରି କେ ଧାନ କାଟନ୍ତି |
| ଦୁଗ | : | ଦୁଗିଆ |
| ଦିଆସିଲ | : | ମାଚିସ୍ |
| ଦର୍ପଣ | : | ହାରିଶି |
| ଦର୍ପଣରେ ମୁହଁ ଦେଖନ୍ତି | : | ହାରିଶି କେ ମୁହଁ ଦେଖନ୍ତି |
| ଦୈର୍ଘ୍ୟ | : | ନମା |
| ଦୁଇଗୁଣ | : | ଦିଗୁଣ: ପଗୁ ଦିଗୁଣ ଟଙ୍କା ଲାଭ ପାଇଲା |
| ଦଶମିକ | : | ଦଶମିକ |
| ଦଳଦଳ | : | ଦଲଦଲ |
| ବଗ ଦଳ ଦଳ ହୋଇ ଉଡ଼ନ୍ତି | : | ବଗ୍‌ଲା ଦଲଦଲ ଉଡ଼ନ୍ତି |
| ଦ୍ୱିତୀୟ | : | ଦୁତିଅ |
| ଦଶମ | : | ଦଶମ୍ |
| ଅର୍ଜୁନ ଦଶମ ଶ୍ରେଣୀରେ ପଢୁଛି | : | ଅର୍ଜୁନ ଦଶମ କିଲାସରେ ପଢ଼ଛି |
| ଦ୍ୱାରବନ୍ଧ | : | ଦୁଆରବନ୍ଧ |

## ଧ

| | | |
|---|---|---|
| ଧରିବା | : | ଧେରିବା |
| ଧନ | : | ଧନ୍ |
| ଗଙ୍ଗାକୁ ବହୁତ ଧନ ଅଛି | : | ଗଙ୍ଗା କି ଜୋରେ ଧନ ଆସି |
| ଧାନ | : | ଧାନ୍ |
| ଧାଇଁବା | : | ଘଟ୍‌କିବା |
| ଶ୍ୟାମ ବେଶି ଧାଇଁଲା | : | ଶ୍ୟାମ୍ ଜୋରେ ଘଟକିଲା |
| ଧର୍ମ | : | ଧରମ୍ |
| ଧନ୍ୟ | : | ଧଇନ୍ |
| ଧର୍ମକାମ କର | : | ଧରମ କାମ୍ କର |
| ଧାଡ଼ି | : | ଧାଆଲି୍ |
| ଧାଡ଼ି ଧାଡ଼ି ହୋଇଯାଅ | : | ଧାଲାଲିରେ ଠିଆହେଅ |
| ଦାଡ଼ି | : | ଦାଢ଼ି |
| ଧାଇଁ ଧାଇଁ | : | ଘଟକି ଘଟକି |

| | | |
|---|---|---|
| ଧରିତ୍ରୀ | : | ବାସୁକି, ଧର୍ତ୍ତୀ |
| ଧନୁ | : | ଧୁଣ |
| ଧନୁ ଆଣ | : | ଧୁଣ୍ ଆଣ୍ |
| ଧୀବର | : | ଝରା |
| ଧର | : | ଧେର୍ |
| ଧୋବା | : | ଧବା |
| ଧଳା | : | ଧବଙ୍କଲା |
| ଧୂଳି | : | ଧୂଳି |
| ଧୈର୍ଯ୍ୟ | : | ଥୟ |
| ଧେନୁ | : | ଗାଈ |
| ଧନିଆ ପତ୍ର | : | ଧନିଆ ପତର |
| ଶର | : | ଶର୍ |
| ଧୋତି | : | ଧୂତି |
| ଧାନ ଖଳା | : | ଧାନ୍ ଖଳା |

ନ

| | | |
|---|---|---|
| ନଦୀ | : | ନଅନ୍ଦୀ |
| ନାଡ | : | ନାଡ୍ |
| ନାଭି | : | ନାଭି:ପେଟ୍‌କେ ନାଭି ଥାଏ, ନାହୁଲି |
| ନାଗସାପ | : | ଗଖୁର୍ ସାପୁ:ନାଗ୍ ସାପ ଫଣା ଟେକଇ |
| ନେଉଳ | : | ନେଉଲ୍ |
| ନାକ | : | ନାଁଖ୍ |
| ନଖ | : | ନଁଖ୍ |
| ସବୁ ପିଲା ନଖ କାଟ | : | ସବିଏ ପିଲା ନଁଖ୍ କାଟ |
| ନର | : | ମୁଣୁସ୍, ମୁଣସ୍ |
| ନିମ୍ବଗଛ | : | ନିମଗସ୍ |
| ନିମ୍ବପତ୍ର ପିତା ହୁଏ | : | ନିମ ପତର ପିତା ଲାଗଇ |
| ନଳିତା | : | କାଉଁରିଆ |
| ନଡ଼ିଆ ଗଛ | : | ନଡ଼ିଆ ଗସ |
| ନୀଳ | : | ନେଳିଆ |
| ନିଦ | : | ଢୁଲ୍: ପଢ୍‌ବା ବକଇ ଢୁଲ୍‌ବା ନାହିଁ |

| | | |
|---|---|---|
| ନାରଙ୍ଗି | : | କମ୍ଳାରଙ୍ଗ: କମଳା ନାଲିଆ ରଙ୍ଗର |
| ନାରୀ | : | ମାଇକିନା, ମାଈଜି |
| ନାରୀ ଜାତିକୁ ସମ୍ମାନ ଦିଅ | : | ମାଈଜି କି ସନମାନ ଦିଅୟ |
| ନଳିହାଡ | : | ନଳୀ ହାଡ୍ |
| ନାଗଫେଣି | : | ସମ୍ଦର୍ କଂଟା |
| ନୂଆବର୍ଷ | : | ନୂଆଁ ବରସ୍: ପୁନା ବରଷ ଯାଇ ନୂଆ ବରଷ ହେଲା |
| ବର୍ଷା | : | ବର୍ଷା |
| ନାଚଗୀତ | : | ନାଚ ଗଂୀତ |
| ନିର୍ବାଚନ | : | ବାଛିବା : ଇସ୍କୁଲ ସଭାପତି ପଦେ ବାସିବା |
| ନବମ | : | ନବମ୍ |
| ନାମ | : | ନାଁଉ |
| ନିକିତି | : | ତରାଜୁ(ପିସା ଡ଼ାଙ୍ଗ) |
| ନାଚିବା | : | ନାଁଚବା |
| ନିର୍ଦ୍ଦେଶ | : | ବର୍ଗିବା |

ପ

| | | |
|---|---|---|
| ପାଚିଲା କଦଳୀ | : | ପାଚିଲା କଦଲୀ |
| ପାଚିଲା ଆମ୍ବ | : | ପାକିଲା ଆମ୍ |
| ପଳାସ ଫୁଲ | : | ପଳାସ୍ ଫୁଲ: ପଳାସା ପୁଲ ମନ୍ଦାର ଫୁଲ ଯିତିନ ଦିଶଇ |
| ପୂଜା ଘର | : | ଭିତର ଘର :ଆମର ଠାକୁର ଘର ଆଛି |
| ପୃଥିବୀ | : | ବାସୁକୀ, ପୃଥ୍ୱୀ |
| ପାଚିଲା ଫଳ | : | ପାକିଲା ଫଲ୍:ସବିଏ ପାକିଲା ଫଲ୍ ଖାଅ |
| ପୋଢ (ପୁତ୍ର) | : | ପୁଅ |
| ପାଳ | : | ପୁଆଲ୍ |
| ପାଣିକଖାରୁ | : | କୁମୁଣ୍ଡା |
| ପିଆଜ | : | ଉଲି |
| ପତରକବି | : | ବନ୍ଧାକୋବି |
| ପନ୍ଦର | : | ପନ୍ଦର: ଶ୍ୟାମ ବାପାକି ପନ୍ଦର ଟଙ୍କା ଦେଲା |
| ପଚିଶି | : | କୁଳିଏ ପାଂଚ୍ (୨୫) |

| | | |
|---|---|---|
| ପଇତିରିଶି | : | କୁଲିଏ ପନ୍ଦର୍ |
| ପଇଁଚାଳିସି | : | ଦିକୁଲି ପାଂଚ୍ |
| ପଚାଶ | : | ଦିକୁଲି ଦଶ୍ |
| ପଂଚାବନ | : | ଦିକୁଲି ପନ୍ଦର୍ |
| ପଂଚଷଠି | : | ତିନିକୁଲି ପାଂଚ |
| ପିସାଚ (ସତୁରୀ) | : | ତିନିକୁଲି ଦଶ୍ |
| ପଲଉ | : | ମିଠାଭାତ୍ |
| ଘିଅ ପୋଡ଼ | : | ଘି ପୋଡ୍ |
| ପାଟିତୁଣ୍ଡ | : | ପାଟିତୁଣ୍ଡ୍ |
| ପୌଷ ମାସ | : | ପୁସ୍ ମାଁସ୍ |
| ପୂର୍ଣ୍ଣିମା | : | ପୁନୁଇଁ |
| ପାହାନ୍ତିଆ | : | ପାହାନ୍ତିଆ |
| ପହିଲା | : | ପ୍ରଥମ/ଆଗ |
| ପରଦିନ | : | ପରଦିନେ |
| ପଇସା | : | ପଇସା |
| ପାତ୍ର | : | ଢାଗା |
| ପ୍ରଶ୍ନ | : | ପରଶନ୍ |
| ପ୍ରକୃତିମାପ | : | ପ୍ରକୃତ ନାପ୍ |
| ପ୍ରସ୍ଥ | : | ଅସାର |
| ପୂରଣ କରିବା | : | ପୁରଣ କରିବା |
| ପ୍ରଥମ | : | ପ୍ରଥମ/ପହିଲା/ଆଗ, ପହିଲ୍ |
| ପଂଚମ | : | ପଂଚମ |
| ପାଣି ଜାହାଜ | : | ପାଣି ଜାହାଦ୍ |
| ପ୍ରାଚୀନ | : | ଅତି ଆଗରୁ |
| ପାଖ | : | ପାଖ୍ |
| ପନିପରିବା | : | ପନିପରିବା |
| ପକ୍ଷୀବସା | : | ଚଢ଼ଇ ବାସ୍ |
| ପବନ | : | ପବନ୍ |
| ପାଟଶାଢ୍ୀ | : | ପାଟଶାଲ୍ୀ |
| ପାହାଡ | : | ପାହାଡ୍ |

ପଥର : ଟାଙ୍ଗର୍
ପନିକିରେ ପରିବା କଟାଯାଏ : ପନିଖିକେ ପରିବା କାଟନ୍ତି
ପତ୍ର : ପତର୍
ପେନ୍ଥା : ନେଥା
ପିମ୍ପୁଡ଼ି : ପିମ୍ପଲି୍, ପେମ୍ପେଲି୍
ପକ୍ଷୀ : ଚର୍ଲଇ
ପଣସ : ପଣସ୍
ପଇଡ : ପଇଡ
ପର : ପଂକ୍ଷୀ
ପୁରୁଷ : ଅଣ୍ଡିରା
ପ୍ରଜାପତି : ଫେମ୍ପେଲା
ପାଣି : ପାଣି୍
ପେଟ : ପେଟ୍
ପିଇବା : ପିଇଁବା
ପିତା : ପିତା
ପାନ : ପାନ୍
ପାରା : ପାରା
ପେଟା : ପେଟଲ
ପଗଡ଼ି : ପଗଡ଼ି
ପଗୁଣ ମାସ : ଫଗୁଣ ମାସ୍
ପାହାନ୍ତିଆ : ପାହାନ୍ତିଆ
ପାଟିଆ : ପଟିଆ
ପାଣି ଜାହାଜ : ପାଣି ଜାହାଜ୍
ପାଣି କୁକୁଡ଼ା : ପାଣି କୁକୁଳି
ପିଠା : ପିଠା୍
ପଖାଳ ଭାତ : ପଖାଲ୍ ଭାତ୍
ପେଜ : ଭାତ୍‌ପାଣି
ଭାତରୁ ପେଜ ଗାଳିବା : ଭାତ ପାଣି ଗାଲ୍
ପିଆଶାଳ : ବିଜା ଗଛ୍: ବିଜା ଗଛ ପଟାରେ କବାଟ ବନାନ୍ତି

| | | |
|---|---|---|
| ପିଙ୍ଗୁଳି | : | ବଦାମ୍ |
| ପରିଷ୍କାର | : | ସଫା:ଇସିକୁଲୁ ସଫା ସୁତରା କର |
| ପାପୁଲି | : | ପଦମ୍ |
| ପାଦ | : | ପାଦ୍ |
| ଫୁଲ | : | ଫୁଲ୍ |
| ପିଠି | : | ପିଠ୍ |
| ପିଛା | : | ପଶ୍ |
| ପିତା | : | ବଥା |

ଫ

| | | |
|---|---|---|
| ଫୁଲ | : | ଫୁଲ୍ |
| ମନ୍ଦାର ଫୁଲ ଆଣ | : | ମନ୍ଦାର ଫୁଲ ଆଣ୍ |
| ଫଳ | : | ଫଲ |
| ଫୁଲକୋବି | : | ଫୁଲକୋବି: ଫୁଲକୋବି ତୁଣ ଖାଲି |
| ଫଣା | : | ଫେଣା |
| ଫୁଲର ପାଖୁଡ଼ା | : | ଫୁଲ୍ର୍ ପାଖୁଡ଼ା |
| ଫୁଲମାଳ | : | ଫୁଲ୍ମାଲ୍ |
| ଫୁଲମାଳ ଦିଅ | : | ଫୁଲ୍ମାଳ ଦେ |
| ଭଗବାନଙ୍କୁ ଫୁଲମାଳ ଦିଆଯାଏ | : | ମହାପୁରୁକି ଫୁଲ ମାଳ ଦେନ୍ତି |
| ଫୁଲ ଗୋଛା | : | ଫୁଲ କେରା |
| ମନ୍ତ୍ରୀଙ୍କୁ ଫୁଲଗୋଛା ଦିଆଗଲା | : | ମନ୍ତ୍ରି କି ଫୁଲ୍କେରା ଦେଲାଇ |
| ଫେଡାଣ | : | ଫେଡାଣ୍ |
| ଫୁଟିବା | : | ଫୁଟିବା |
| ଫସଲ | : | ଋଷ୍ ଫସଲ୍ |
| ଫାଳ | : | ଫାଳ |
| ଫାଲ୍ତୁ | : | ମାହାଳିଆ |
| ଫାଶ | : | ଫାନ୍ଦ |
| ଫିଙ୍ଗିବା | : | ଫିଙ୍ଗିବା |
| ଫୁଲକୋବି | : | ଫୁଲକବି |
| ଫିତା | : | ଫିତା |
| ଘର ଫିତା ଦ୍ୱାରା ମପାଯାଏ | : | ଘର ଫିତାକେ ମାପନ୍ତି |

| | | |
|---|---|---|
| ଫୋପାଡ଼ିବା | : | ଫିଙ୍ଗିବା |
| ଫେରାର୍ | : | ପଳାଣି |
| ଫେଣା | : | ଫକ୍‌ସା |
| ଫୁସ୍‌ଫୁସ୍ | : | ଥିରଥିର୍ |

ବ

| | | |
|---|---|---|
| ବାରଣ୍ଡା | : | ପିଣ୍ଡା |
| ବାଲି | : | ଚାଲ୍ |
| ବାୟୁ | : | ପବନ୍ |
| ବନ୍ଧ | : | ବନ୍ଧ୍ :ବନ୍ଧକେ ସବିଏ ଗାଧାନ୍ତି |
| ବୁଦା | : | ବୁଦା :କଂଟା ଲଟାକି ଯା ନାହିଁ |
| ବେତ | : | ବେତ୍ |
| ବୁଢ଼ୀଆଣି | : | ମାଙ୍କଲିଆ |
| ବ୍ଯିରୁଡ଼ି | : | ବରଳି |
| ବୁଡ଼ିଆଣି ଜାଲ | : | ମାଙ୍କୁଲିଆ ଜାଲ୍ |
| ବୋଇତାଳୁ | : | ବଇତାଳୁ |
| ବେଲ | : | ବେଲ୍ |
| ବାଉଁଶ କରଡ଼ି | : | ବାଉଁଶ କରଳି |
| ବାଉଁଶ କରଡ଼ି ବଡ଼ ମିଠା | : | ବାଉଁଶ କର୍‌ଳି ମିଠା ଲାଗଇ |
| ବଳଦ | : | ବଲଦ୍ |
| ବାଛୁରୀ | : | ବାସୁରୀ |
| ବିଲେଇ | : | ବିଲାଇ |
| ବେଙ୍ଗ | : | ବେଙ୍ଗ୍ |
| ବାଘ | : | ବାଘ୍ |
| ବାରାହା | : | ବର୍‌ହା:ବର୍‌ହା ଜଙ୍ଗଲ ଜୀବ |
| ବିଲୁଆ | : | ସିଆଲ୍ |
| ବଜ୍ରକାପ୍ତାର ବଂଶ ଦେଖିବାକୁ ମିଳୁନାହିଁ | : | ବଜରକପ୍ତା ଦେଖି ତାଙ୍କରମିଳଇ ନାଇଁ |
| ବତକ | : | ବତକ୍ |
| ବଗ | : | ବଗ୍ |
| ବାଇ ଚଢେଇ | : | ବାଇ ଚଳଇ |
| ବଜାର | : | ହାଟ୍ |

| | | |
|---|---|---|
| ବିରି | : | ବିରି |
| ବରକୋଳି | : | ବରକଲି |
| ବରଗଛ | : | ବର୍‌ଗସ୍ |
| ବେଲଗଛ | : | ବେଲଗଛ୍ |
| ବେତଗଛ | : | ବେତ୍‌ଗସ୍ |
| ବାଉଁଶ | : | ବାଇଁସ୍ |
| ବଗିଝ:ଖଳିଥା | : | ବଗିଚା ଫୁଲ ଫୁଟିଛି:ଖଳିଆରୁ ଫୁଲ ତଳ ନାହିଁ |
| ବେକ | : | ବେକ୍ |
| ବାହୁ | : | ବାହା |
| ବାମହାତ | : | ଡେବେରିହାତ୍ |
| ବୃଦ୍ଧାଙ୍ଗୁଳି | : | ବୁଢ଼ାଆଙ୍ଗୁଠି |
| ବୁଢ଼ା ଆଙ୍ଗୁଠିଟି ବଡ଼ ଅଟେ | : | ବୁଢ଼ା ଆଙ୍ଗୁଠି ବଡ଼ଟା |
| ବାହାଘର | : | ବାହାଘର୍ |
| ରାଜେନ୍ଦ୍ର ବାହାଘର ହେଉଛି | : | ରାଜେନ୍ଦ୍ର ବାହାଘର ହିଛି |
| ବାହାଡ଼ା | : | ଟେଣ୍ଡୁଫଳ |
| ବିଲାତି ବାଇଗଣ | : | ପାଚଲଘଣ୍ଟା, ବାଇଗଣ |
| ବୈଶାଖ | : | ବୈଶାଖ୍ |
| ବୈଶାଖ ମାସରେ ବହୁତ ଖରା | : | ବୈଶାଖ ମାସେ ଦୁଇ ଖରା |
| ବର୍ଷାଋତୁ | : | ବର୍ଷାରିତୁ |
| ବୁଧବାର | : | ବୁଧବାର :ବୁଧବାର ଦିନ ଦେବଗଡ ହାଟ ହେଇ |
| ବନ୍ୟା | : | ନନ୍ଦୀବଢ଼ି |
| ବତ୍ୟା | : | ବାଇତା: ଜୋର୍‌ରେ ପବନ ବହିବା |
| ବାଙ୍ଗା | : | ବାଙ୍ଗା |
| ବାମହାତ | : | ଡେବିରିହାତ |
| ବାଦାମ | : | ବଦାମ୍ |
| ବଂଶି | : | ବଇଁଶି |
| ବଡରୁ ଛୋଟ | : | ବଡରୁ ସାନ୍ |
| ବାରମାସ | : | ବାରମାସି |

| | | |
|---|---|---|
| ବିଲ | : | ବିଲ୍/କିଆର୍, ଜମି |
| ବିଲକୁ ଯିବା | : | ବିଲ୍‌କି ଯିବା/ କିଆର୍ କି ଯିବା |
| ବାଛୁରୀ | : | ବାସୁରୀ |
| ବିଦ୍ୟୁତ | : | ଲାଇନ୍ |
| ବସ | : | ବସ୍ |
| ବହି | : | ବହି |
| ବେଲୁନ୍ | : | ବେଲୁଣ୍:ଯାତରାରେ ବେଲୁଣ ବିକନ୍ତି:ଛୁଆଲା ବେଲୁଣ୍ ଖେଳନ୍ତି |
| ବର୍ଗ | : | ବରଗ |
| ବଳଦ୍ | : | ବଳଦ୍ |
| ବାର୍ତ୍ତା | : | ବାର୍ତ୍ତା |
| ବାହୁଡାଯାତ୍ରା | : | ବଉଳା ଯତରା |
| ବୋଲାଣି | : | ବୁଲାଣି |
| ବିହନ ପର୍ବ | : | ତୀରର୍ଥୀୟା |
| ବୟସ | : | ବଇ୍ସ |
| ବର | : | ବର |

ଭ

| | | |
|---|---|---|
| ଭାଲୁ | : | ଭାଲୁ, ଭାଆଲୁ |
| ଭାତ | : | ଭାତ୍ |
| ଭାତ ଖାଇବାକୁ ଯିବା | : | ଭାତ ଖାବାକଇ ଯିବା |
| ଭଅଁର | : | ଭମରା |
| ଭେଣ୍ଡି | : | ମେଣ୍ଢାଶିଙ୍ଗା : ଭେଣ୍ଡି ନିକ ପରିବା |
| ଭୁଜି | : | ଭୁଜି : ଭୁଜି ଖାବାକଇ ଯିବା |
| ଭାଦ୍ରବ ମାସ | : | ଭୁଦ୍ ମାସ୍ |
| ଭାଙ୍ଗିଆ | : | କାଟା |
| ଭାରୀ | : | ଓଜନ୍ |
| ଭୟ | : | ଡର |
| ବାଘକୁ ସମସ୍ତେ ଡରନ୍ତି | : | ଭାଘଟାକଇ ସବିଏ ଡରନ୍ତି |
| ଭଗବାନ | : | ଭଗବାନ୍ |
| ଭାଗ | : | ଭାଗ୍ |

| | | |
|---|---|---|
| ମାଂସ ବାଂଟିବା | : | ମାଇଁସ୍ ବାଂଟିବା |
| ଭିନ | : | ଭିନେ |
| ଭିତରେ | : | ଭିତିରେ |
| ଭଲ | : | ଭଲ୍ |
| ଭାତୁଡ଼ି | : | ଫଲି |
| ଭୁତ | : | ଭୂତ୍ |

ମ

| | | |
|---|---|---|
| ମୂଳ | : | ମୂଲ୍ |
| ମଞ୍ଜି | : | ମଞ୍ଜି, ମଞ୍ଜା |
| ମଶା | : | ମୁଶା |
| ମାଛି | : | ଉଙ୍ଗାଣ୍ |
| ମହୁମାଛି | : | ମଉଡାଡ୍ |
| ମଟର | : | ମଟର୍ |
| ମୂଳା | : | ମୂଳା |
| ମହୁଲ | : | ମହୁଲ୍ |
| ମହୁଲରେ ମଦ ହୁଏ | : | ମହୁଲକେ ମଦ ବନାନ୍ତି |
| ମାଂସ | : | ମାଉଁସ୍,ମାଇଁସ୍ |
| ମନ୍ଦିର | : | ମନ୍ଦିର୍ |
| ମେଣ୍ଢା | : | ଗାଡ୍ରା |
| ମୂଷା | : | ମୁଁଷା:ମୂଷା ମାଇଁସ ଖାନ୍ତି |
| ମାଙ୍କଡ଼ | : | ମାକଲ୍ |
| ମାଛ | : | ମାସ |
| ମୟୁର | : | ମଞ୍ଜର |
| ମାଣ୍ଡିଆ | : | କଦ |
| ମକା | : | ଦୁଆରି |
| ମୁଗ | : | ମୁଗ୍ |
| ମଦ | : | ମନ୍ଦ୍ |
| ମିଠା | : | ମିଠା |
| ମନ୍ଦାରଫୁଲ | : | ମନ୍ଦାରଫୁଲ |
| ମାଟି | : | ମାଠି |

| | | |
|---|---|---|
| ମାଟିଆ ରଙ୍ଗ | : | ମାଟିଆ ରଙ୍ଗ୍ |
| ମିଶ୍ରିତ ରଙ୍ଗ | : | କାବ୍ରା |
| ହରିର ସାର୍ଟ ମିଶ୍ରିତ ରଙ୍ଗର ଅଟେ | : | ହରିର ସାର୍ଟଟା ସବୁ ରଙ୍ଗ ମିଶନର ଅଛି, ହରିର ସାଟ୍ଟା କାବେରା କାବେରୀ |
| ମଇଳା | : | ମଳିଆ |
| ମୁହଁ | : | ମୁହଁ |
| ମୁଣ୍ଡରବାଳ | : | ମୁଣ୍ଡର ଚୁଟି |
| ମେରୁଦଣ୍ଡ | : | ଭିଳିହାଡ୍ |
| ମଧ୍ୟମ ଆଙ୍ଗୁଠି | : | ମଝିଆ ଆଙ୍ଗୁଠି |
| ମଲ୍ଲୀଫୁଲ | : | ମଲ୍ଲୀଫୁଲ୍ |
| ମାଟିଘର | : | ମାଠ୍ ଘର୍ |
| ମେଘ | : | ମେଘ୍ |
| ମେଘ ହେଲେ ବର୍ଷା ହୁଏ | : | ମେଘ ହେନେ ବରଷାହେଇ |
| ମଂଚା | : | ମଂଚା |
| ମିଛ | : | ପେନ୍, ମିସ୍ |
| ମାର୍ଗଶିର | : | ମଗ୍‌ଶିର |
| ମାଘ | : | ମାଘ୍ |
| ମଙ୍ଗଳବାର | : | ମଙ୍ଗଳବାର |
| ମଧରାତ୍ରି | : | ମଝାରାତି |
| ମଣ୍ଡପ | : | ପୂଜାମଣ୍ଡପ୍ |
| ମହୁରୀ | : | ପେପିଆଁ |
| ମୋର | : | ମର |
| ମାଗଣା | : | ମାଗ୍‌ଣା |
| ମୁଖ୍ୟ | : | ମୁଖିଆ |
| ମିଶାଣ | : | ମେଶାଣ |
| ମାପିବା | : | ନାପିବା |
| ମୁଦ୍ରା | : | ଟଙ୍କାଟା |
| ମୋଟମୂଲ୍ୟ | : | ମୋଟ୍‌ଦାମ |
| ମୋଟଲାଭ | : | ମୋଟ ଲାଭ୍ |
| ମୃତ୍ୟୁ | : | ମରିଛି,ମଲା |

| | | |
|---|---|---|
| ମଣିଷ ପୃଥିବୀରେ ଜନ୍ମ ନେଇଛି | : | ଜନମ ହିଛି ମାନେ ମରିଆକ୍ |
| ମଦଡବା | : | ମନ୍ଦ୍ ଗିଲଣ |
| ମାଣ | : | ମାଣ୍ |
| ମହୁରୀ | : | ପେପିଆଁ |
| ମୁଣ୍ଡା ବଳଦ | : | ମନ୍ଦା ହଲ୍ଦୀ |
| ମାଘମାସ | : | ମାଘମାସ୍ |
| ମାର୍ଗଶିର ମାସ | : | ମଙ୍ଗଶିର୍ ମାସ୍ |
| ମଧ୍ୟାହ୍ନ ବେଳା | : | ଦିପହର |
| ମାଟି | : | ମାଠି |
| ମାଟିଘର | : | ମାଠିଘର୍ |
| ମାଗଣା | : | ମାଙ୍ଗ୍ଣା |
| ମଣିଷ | : | ମୁଣୁସ୍ / ଲକ୍ |

## ଯ

| | | |
|---|---|---|
| ଯୁଗ | : | କାଳ, ଯୁଗ୍ |
| ଯୁଗ୍ମ | : | ମିଶା :ମେସିକରି |
| ଯୋଗ୍ୟ | : | ବନ୍ଧା : ପାରିବା ପଣିଆଁ |
| ଯଥେଷ୍ଟ | : | ଢେର୍ |
| ଆଳୁ ବିକ୍ରିକରି ଯଥେଷ୍ଟ ଲାଭ ହେଲା | : | ଆଳୁ ବିକିକରି ଠିକ୍ ଲାଭ ହିଛି |
| ତାଙ୍କର ଯଥେଷ୍ଟ ଟଙ୍କା ଅଛି | : | ତାହାଙ୍କର ଢୁର୍ ଟଙ୍କା ଆଛି |
| ମନ୍ତ୍ରଣା | : | ଭିତରି ବାହାରି |

## ର

| | | |
|---|---|---|
| ରଥଯାତ୍ରା | : | ରଥ୍ ଯତରା |
| ରାତ୍ର | : | ରାତ୍ |
| ରଙ୍ଗ | : | ରଙ୍ଗ୍ |
| ରବିବାର | : | ରଇବାର |
| ରାକ୍ଷସ | : | ରାକସ୍ |
| ରବି | : | ବେଳ |
| ରାଜନୀତି | : | ରାଜନୀତି |
| ରାଜଧାନୀ | : | ରାଜଧାନୀ |
| ଆମ ରାଜଧାନୀ ଭୁବନେଶ୍ୱର ଅଛି | : | ଭୁବନେଶ୍ୱର ଆମର ରାଜଧାନୀ ଆଛି |

| | | |
|---|---|---|
| ରେଡ଼ିଓ | : | ରେଡ଼ିଅ |
| ରବର | : | ରବଲ |
| ରକ୍ତ | : | ରକତ୍ |
| ରଖିବା | : | ରଖିବା |
| ରାଗିବା | : | ରାଗବା |
| ରେତନୁ | : | ଚନ୍ଦନ |
| ରକ୍ତ ଚନ୍ଦନ | : | ରକତ୍ ଚନ୍ଦନ୍ |
| ରଙ୍ଗମଂଚ | : | ରଂଗମଂଚ |
| ନାଟ ହୁଏ ରଂଗ ମଂଚରେ | : | ନାଟ ହେଇ ରଂଗ ମଂଚକେ |
| ରଜା | : | ରଜା |
| ଜଣେ ରାଜା ଥିଲେ | : | ଜଣେ ରଜା ଥିଲା |
| ରାଣୀ | : | ରାଣୀ |
| ରାନ୍ଧିବା | : | ରାନ୍ଧବା |
| ରସୁଣ | : | ରେଶୁଣ |
| ରାଜକନ୍ୟା | : | ରଜାଝିଅ |
| ରାଣ୍ଡ | : | ରାଣ୍ଡି |
| ରାଣ | : | ରାଣ୍, କିରିଆ |
| ରାଜ୍ୟ | : | ରାଇଜ :ଓଡ଼ିଶା ଆମର ରାଇଜ୍ |
| ରାମ୍ପିବା | : | ରାମ୍ପିବା |
| ରାନ୍ଧୁଣିଆ | : | ରନ୍ଧାଣୀ |
| ରାସ୍ତା | : | ବାଟ୍ :ଡେବିରି ବାଟେ ଚାଲନା |
| ରୁଆ | : | ଲଗା |
| ରୁଖା | : | ରୁକୁ |
| ରୁଚି | : | ରୁଚିବା |
| ରୂପ | : | ରୂପ୍ |
| ରୋଗ | : | ରୁଗ୍ |
| ରୋପଣ | : | ଲଗବା :ଆମ୍ଗଛ ଲଗବା |
| ରୋହିମାଛ | : | ରୋହିମାଁସ୍ |
| ରୀତି | : | ରୀତି |
| ରୁଷିବା | : | ରୁଷିବା |

| | | |
|---|---|---|
| ରାଗ | : | ରାଗ୍ |
| ରନ୍ଧାଘର | : | ରନ୍ଧାଘର୍ |
| ରାଣି | : | ରାଣି |
| ରାଣିତେଲ ଲଗାଅ | : | ରାଣିତେଲ ଲଗାଅ |
| ରାତି | : | ରାତ୍ |
| ରସ | : | ରସ୍ |
| ରେଳଗାଡି | : | ରେଲ୍‌ଗାଡ଼ି |
| ରେଳରାସ୍ତା | : | ରେଲ୍‌ଲାଇନ୍ |
| ରଙ୍ଗମାଟି | : | ନାଲି ମାଠି |

**ଲ**

| | | |
|---|---|---|
| ଲଗା, ଲଗି | : | ଲାଗିକରି |
| ଲାଙ୍ଗୁଡ଼ | : | ନେଞ୍ଜ୍ |
| ଲଗ୍ନ | : | ଲଗଣା/ ପାଞ୍ଜି : ବାହାଘର ହେନେ ବର କନିଆଁ<br>କି ଲଗନ୍ କରନ୍ତି |
| ଲଙ୍ଗଳ | : | ନଙ୍ଗଳ |
| ଲଜ୍ଜା | : | ଲାଜ୍ |
| ଲଞ୍ଜାତାରା | : | ନେଞ୍ଜାତରା |
| ଲଡୁ | : | ଲଡୁ |
| ଲଢ଼େଇ | : | ଲଢ଼ାଇ |
| ଲଣ୍ଠନ | : | ଲାଇଟଣ୍ |
| ଲଣ୍ଠଣରେ ପିଲାମାନେ ପାଠ ପଢୁଛନ୍ତି | : | ଲଣ୍ଠଣ୍‌ରେ ପିଲାଳା ପଢୁଛନ୍ତି |
| ଲଣ୍ଡା | : | ଠାଲୁ |
| ଲବଣ | : | ନୁଣ୍ : ତୁଣ୍‌କେ ଜୁର୍ ନୁଣ୍ ହେଲା |
| ଲମ୍ଫଟ | : | ଡେଗବା |
| ଲମ୍ଫ | : | ଡେଗିବା |
| ପିଲାମାନେ ଡ଼େଇଁଛନ୍ତି | : | ପିଲାଳା ଡେଗଛନ୍ତି |
| ଲମ୍ବା | : | ନମା |
| ଲସି | : | ରସି |
| ଲହରୀ | : | ଉଲାଲ୍ |

| | | |
|---|---|---|
| ଲୁହ | : | ଆଖିରି ପାଣି |
| ଲହୁଣୀ | : | ଲହୁଣି |
| ଲାଭ | : | ଲାଭ |
| ଲାଖ | : | ଲାଖ୍ |
| ଲାଗିବା | : | ଲେଟ୍ କିବା |
| ଲାଜ | : | ଲାଜ୍:ଆମକଇ ଦେଖିକରି ଲଜାଛନ୍ତି |
| ଲାଲ୍ | : | ରଙ୍ଗିଆ |
| ଲୁଚାଇବା | : | ଲୁକାବା |
| ଲାତ | : | ଲାହ |
| ଲତା | : | ଲତା |
| ଲୁହା | : | ଲୁହା |
| ଲାଭ | : | ଲାଭ୍ |
| ଲାସ୍ | : | ଲାଶ୍ |
| ଲେଖା | : | ଲେଖା |
| ଲିଆ | : | ଲିହା |
| ଲିଭିବା | : | ଲିଭିବା |
| ଲୁକ୍କାୟିତ | : | ଲୁକିକରି |
| ଲୁଗା | : | ଲୁଗା |
| ଲୁଟି | : | ଲୁରି |
| ଲେଖ | : | ଲେଖ୍ |
| ଲୁଚକାଳି | : | ଲୁକ୍‌ଲୁକଣି |
| ଲିପିବା | : | ଲେସିବା |
| ଲୁଚେଇବା | : | ଲୁକାଇବା |
| ଲୋକ | : | ଲକ୍ |
| ଲେମ୍ବୁ | : | ଲେବୁ |
| ଲୋଭି | : | ଲୋଭି |
| ଲୋଡ଼ା | : | ଦରକାର |
| ଲୋମ | : | ଚୁଟି |
| ଲାଜକୁଳିଗଛ | : | ଲାଜ୍‌କୁଳି ଗସ୍ ଛୁଇଁନେ ପତର ବନ୍ଦ ହେଇ |
| ଲାଲ | : | ରାଙ୍ଗିଆ |

| | | |
|---|---|---|
| ଆମ୍ବ ପାଚିଲେ ଲାଲ୍ ଦେଖାଯାଏ | : | ଆମ୍ବ ପାଚିନେ ନାଲିଆ ଦିଶଇ |
| ଲିଚୁ | : | ଲିଚୁ |
| ଲଙ୍କାଆମ୍ବ | : | ମରିଚି ଆମ୍ |
| ଲୁଗାପଟା | : | ଲୁଗାପଟା |
| ଲୁଗାପଟା ଧର | : | ଲୁଗାଲା ଧର୍ |
| ଲକ୍ଷେ | : | ଲାକ୍ଷେ |
| ଲୁହ | : | ଆଖିପାଣି |
| ପିଲାଟି ଲୁହ କାଢ଼ି କାନ୍ଦୁଛି | : | ପିଲାଟା ଜୋରେ କାନ୍ଦଛି |

ହ

| | | |
|---|---|---|
| ହଳଦୀ | : | ହଳଦୀ : କଂଚା ହଳଦୀ ଦେହେକେ ଲୁଗାନେ ନିକ |
| ହଳଦୀ ବସନ୍ତ | : | ପିଚ ଚଳଇ |
| ହରଡ଼ ଡାଲି | : | ହରଳ ଡାଲି |
| ହଳଦିଆ | : | ହଳଦିଆ |
| ହାତ | : | ହାତ୍ :ଜଣଙ୍କର ୨ଟା ହାତ୍ |
| ହାଡ | : | ହାଡ଼୍ |
| ହଳ | : | ହଳ୍ |
| ବାଲି/ବାଡ଼ିରେ ହଳ କରୁଛି | : | ବିଲରେ ହଳ ଧେରଛି |
| ହସ | : | ହସ୍ |
| ହନୁମାଙ୍କଡ | : | ହନୁମାଙ୍କଲ୍ |
| ହରିଣ | : | ମିରିଗ୍ : ମିରିଗ୍ ବଣରେ ରହଇ |
| ହଂସ | : | ହଂସ୍ : ହଂସଟା ପାଣିକେ ଖେଳଛି |
| ହରଡ଼ ଚଢେଇ | : | ହରଡ଼ ଚଳଇ |
| ହାକିମ | : | ହାକିମ୍ |
| ହାଲୁକା | : | ଉଲାସ୍ |
| ହିସାବ | : | ଗଣିବା |
| ହରଣ | : | ହରଣ |
| ହଳଦୀ କଳସ | : | ହଳ୍ଦୀ କଳସ୍ |
| ହଳଦୀ ପାଣି | : | ହଳ୍ଦୀ ପାଣି |
| ହଳଦୀ ଚାଉଳ | : | ହଳଦୀ ଗଉଲ୍ |

ହାର : ମାଳି

କ୍ଷ

କ୍ଷୀର : କ୍ଷୀର୍ : କ୍ଷୀର ପିଇନେ ବଲ ହେଇ

କ୍ଷତି : ନଷ୍ଟ

କ୍ଷମା : ଖେମା : ମାହାପୁର ମୁଁକଇ ଖେମା କଲାଇ

କ୍ଷତ : ଘା

କ୍ଷୁଦ୍ର : ସାନ୍ : ସାନ ଛୁଆଟା ପଳିଲା

ଜାଗା : ଜେଗା : ରାମର ଜେଗାରେ ସପୁରୀ ଲାଗିଛି

କ୍ଷତ : ଘା

କ୍ଷତି : ନଷ୍ଟ

ଶ

ଶହେ : ପାଂଚକୁଳି:ପାଂଚକୁଳି ଦିକରି ଲୁଗାଟା କିଣିଲି

ଶଗଡ଼ : ହଳଗାଡି

ଶାଗ : ଶାଗ୍

ଶୁଆ : ରୂପ

ଶାରୀ : ଶାରୀ

ଶାଳଗଛ : ଶରଗି ଗଛ

ଶଗୁଆନ ଗଛ : ଶାଗୁଆନ୍ ଗସ୍

ଶ୍ୱାସନଳୀ : ସଂଙ୍ଖନଳା

ଶୋଇବା : ଶଇବା

ଶୁକ୍ରତାରା : ଶୁକ୍ରତରା :ପାହାନ୍ତିଆତରା ପୁରୁବ୍ ଆଡ଼େ ଦେଖାଯାଏ

ଶାମୁକା : ଶାମୁକା

ଶଙ୍ଖ : ଶଙ୍ଖ୍

ଶୁକ୍ରବାର : ଶୁକ୍ରୁବାର୍

ଶାଗୁଣା : ଗିର୍ଦିନ

ଶଙ୍କା : ଶଙ୍କା
ଶୋଷ : ଶସକରିବା (ପାଣି ଶୋଷ)
ଶେଷ : ସରିବା, ଶେଷ୍
ଶୀତ : ଶୀତ୍ :ଶୀତ୍‌ରେ ପିଲାଟା ଥରଛି
ଶତ୍ରୁ : ଶତ୍ରୁ
ଶୁଭ : ଶୁଭ
ଶିମ୍ବ : ଝଣ୍ଟୁଆ
ଶରୀର : ଦେହେ :ଶ୍ୟାମ ଦେହେ ଭଲ ଆଛି
ଶସ୍ୟ : ମଞ୍ଜି
ଶସ୍ତା : କମ୍‌ଦାମ୍/ଶସ୍ତା/ଜବର୍
ଶାଖା : ଡାଲ୍
ଶିଶୁ : ଛୁଆ, ସୁରୁସୁଆ
ଶିଘ୍ର : ବେଗି/ଝଅଟ : ବେଗି ହାଟକି ଯା
ଶିକାରୀ : ଶିକାରୀ, ପାରଧିଆ
ଶିକାର : ଶିକାର୍
ଶ୍ରାବଣମାସ : ଶାବଣ ମାସ୍ : ଶ୍ରାବଣ ମାସରେ ଛତି ଉଠଇ
ଶିମିଳି ଗଛ : ସେମେଳି ଗସ୍
ଶିଉଳି : ଦଲ୍ : ବର୍ଷାଦିନେ ଦଲ୍ ହେଇ
ଶୀତଋତୁ : ଶୀତ୍ ରିତୁ
ଶନିବାର : ଶନିବାର
ଶୂନ୍ୟସ୍ଥାନ : ଖାଲିଜାଗା
ଶତକଡ଼ା : ଶତକଡ଼ା
ଶୁକ୍ଳପକ୍ଷ : ଉଜ୍ୱଳ ପକ୍ଷ
ଶିକା : ଶିକା

**ସ**

ସାନବୋହୂ : ସାନବହୂ
ସକାଳ : ସକାଲ୍ : ସକାଲ୍ ଖରା ନିକ
ସ୍ୱର୍ଣ୍ଣବର୍ଣ୍ଣ : ସୁନାରଙ୍ଗ

| | |
|---|---|
| ସୁନା | : ସୁନା : ସୁନା ଦର ଜବର ହେଲା |
| ସବୁଜ | : ଶାଗୁଆ |
| ସଉତୁଣୀ | : ସଉଁତଣୀ : ଦି ସଉଁତଣୀ ଭିତରେ କଳି ହେନ୍ତି |
| ସଂଗ୍ରହ | : ଏକାଠି କରିବା |
| ସଂଗାତ | : ସଙ୍ଗାତ୍ |
| ରାମ ଓ ଶ୍ୟାମ ଦୁଇ ସଙ୍ଗାତ | : ରାମ ଓ ଶ୍ୟାମ ଦି ସଙ୍ଗାତ |
| ସଂସାର | : ସଂସାର୍ |
| ସଂସ୍ଥା | : ସଂସ୍ଥା |
| ସନ୍ଧ୍ୟା | : ବେଲ୍‌ବୁଡ୍ : ବେଲ୍ ବୁଡ଼ିନେ ବୁଲିବାକଇ ନିକ ଲାଗଇ |
| ସନ୍ତାନ | : ଛୁଆ, ସୁଆପିଲା |
| ମାସ | : ମାସ୍ |
| ସୂର୍ଯ୍ୟ | : ବେଲ୍ |
| ସୂର୍ଯ୍ୟପରାଗ | : ରାହୁ ଗିଳିବା |
| ସପ୍ତାହ | : ସପତା / ହସ୍ତେ |
| ସପ୍ତାହକୁ ସାତ ଦିନ | : ହପ୍ତେ କୁ ସାତଦିନ୍ |
| ସୋମବାର | : ସମବାର୍ |
| ସାପ | : ସାପ୍ |
| ସପୁରୀ | : ସପୁରୀ |
| ସାଇକେଲ | : ସାଇକଲ୍ |
| ସ୍ତ୍ରୀ | : ମାଇପ |
| ସଂପର୍କୀୟ | : ବଂନ୍ଧୁବାନ୍ଧବା/ସର୍ପକୀୟ, ବନ୍ଧୁଭାବ |
| ସମୁଦ୍ର | : ସମଦର |
| ସମ୍ବର | : ସାମ୍ବର :ସାମ୍ବର ଉପରକି ଦେଖିକରି ଚାଲଇ |
| ସଂଖ୍ୟା | : ସଇଖାଁ |
| ସିକିତା | : ୱାଡ଼ି |
| ସୁତା | : ସୁତା |
| ସମ୍ପତ୍ତି | : ଧନ:ତାହାଙ୍କର ଜୁରେ ଧନ ଆଛି |
| ସିନ୍ଦୁର | : ସିନ୍ଦୁର୍ |
| ସରକାର | : ସରକାର୍ |

| | | |
|---|---|---|
| ସୋରିଷ | : | ସରିଷ୍ |
| ସେବତୀଫୁଲ | : | ସେବତୀଫୁଲ୍ |
| ସପ୍ତର୍ଷି ମଣ୍ଡଳ | : | ସପ୍ତର୍ଷି ମଣ୍ଡଳ :ଉତର ବାଟେ ଦେଖାଯାଏ |
| ସ୍ୱାର୍ଥ | : | ନିଜରଲାଗି ବିକଲ :ରାମ ଜଣେ ନିଜରଲାଗି ବିକଲ ଲକ୍ |
| ସିଂହ | : | ସିଂହ |
| ସିଧାଗାର | : | ସିଧାଗାର୍ |
| ସମ୍ବାଲୁଆ | : | ଫିଲିଙ୍ଗା |
| ସାରୁ | : | ସାରୁ |
| ସଜନା | : | ସୁଜୁନା |
| ସ୍କୁଲ | : | ଇସ୍କୁଲୁ |
| ସ୍ୱାମୀ | : | ଘଇତା |
| ସ୍ୱାସ୍ଥ୍ୟ | : | ଦେହ, ନୀରୋଗୀ ଦେହ |
| ସୂର୍ଯ୍ୟମୁଖୀ | : | ସୂର୍ଯ୍ୟମୁଖୀ |
| ସପୁରୀ | : | ସପୁରୀ |
| ସଭା | : | ମିଟିଙ୍ଗ୍ |
| ସମାନ | : | ସମାନ୍ :ଯାହା ପାଇବ ସମାନରେ ବାଂଟିବ |
| ସୁନାରୀ | : | ସୁନାଗଢ଼ାରୀ/ବଣିଆ |
| ସପ୍ତମ | : | ସାତ୍ |
| ସ୍ଥାନ | : | ଜେଗା |
| ସମୟ | : | ସମୟ୍ |
| ସୂତ୍ର | : | ସୁତ୍ର |
| ସୂତ୍ର ବ୍ୟବହାର କରି ଗଣିତ କରାଯାଏ | : | ସୁତ୍ର ବାହାର କରି ଗଣିତ କରନ୍ତି |
| ସୁରକ୍ଷା | : | ରଖିଆ :ପୁଲିସ୍ ସବ୍କି ରାଖା କରନ୍ତି |
| ସଫା | : | ସାଫା |
| ସମ୍ବନ୍ଧ | : | ଚିହ୍ନା |
| ସନ୍ଧ୍ୟାବେଳ | : | ବେଲବୁଡ୍ |
| ସଭା | : | ମିଟିଙ୍ଗ୍ |
| ସାଇକେଲ | : | ସାଇକଲ୍ |
| ସିଆଳି ପତ୍ର | : | ସିଆଳି ପତର୍ |

## ଷ

ଷଣ୍ଢ : ଷଣ୍ଢ
ଷାଠିଏ : ତିନିକୋଡ଼ି
ଷୋହଳ : ଷୋହଳ
ଷଷ୍ଠ : ଷଷ୍ଠ

## ଜ୍ଞାତି କୁଟୁମ୍ବ ପରିଭାଷା

ବାପା : ବୁଆ
ମାଆ : ମାଁ
ବଡ଼ଭାଇ : ନନା
ସାନଭାଇ : ବାବୁ / ସାନ୍‌ଭାଇ
ବଡ଼ ଭଉଣୀ : ନାନି
ଭଉଣୀ : ନିନି
ପୁଅ : ପୁଅ
ଝିଅ : ଝିଅ
ସ୍ୱାମୀ : ଘଇତା
ସ୍ତ୍ରୀ : ମାଇକିନା, ମାଞ୍ଜି
ଜେଜେ ବାପା : ଦଦା
ଜେଜେ ମାଆ : ବାଇ / କାକ
ବଡ଼ ବାପା : ବଡୁ
ଦାଦା, କକା : କକା
ପିଉସୀ : ଅମା, ଝିଇ
ଅଜା : ଅଜା, ଆଜ
ଆଇ : କାକ
ମାମୁଁ : ମାମୁଁ
ସାନମାମୁଁ : ସାନମାମୁଁ
ବଡ଼ମାଆ : ବଡ଼ାଇ
ମାଉସୀ : ମାଉଁସି
ଭାଉଜ : ଭାଉଜ, ବଉ
ବିଣେଇ : ଭେଣାଇଁ

| | | |
|---|---|---|
| ଜୁଇଁ | : | ଜୁଆଁଇଁ |
| ବୋହୂ | : | ବୋହୂ |
| ପୁତରା | : | ପୁଟରା |
| ଝିଆରି | : | ଝିଆରି |
| ଭଉଣୀର ପୁଅ | : | ଭଣଜା |
| ଭାଣିଜୀ | : | ଭାଣଜୀ |
| ଦେଢଶୁର | : | ଦେଢ଼ଶୁରୁ |
| ଦେଢଶାଶୁ | : | ଦେଢଶାଶ୍ |
| ଶାଳୀ | : | ଶାଲୀ |
| ଦେଢଶୁର | : | ଦେଢ଼ଶୁରୁ |
| ଦିଅର | : | ଦିଅରି |
| ଦେଢଶାଶୁ | : | ଦେଢ଼ଶାଶ୍ |
| ନଣନ୍ଦ | : | ନଣନ୍ଦ |
| ନାତି | : | ନାତିଆ |
| ନାତୁଣି | : | ନାନ୍ତଣି |
| ନାତିଣି | : | ନାତିଣି |
| ବୋହୂ | : | ବୋହ୍ନୂ |
| ଜୁଇଁପୁଅ | : | ଜୁଆଇଁ ପୁଅ |
| ଶଶୁର | : | ଶଶୁରା |
| ଶାଶୁ | : | ଶାଶୁ |
| ପଣ ଗୋସେଇଁ ବାପା | : | ପଣ୍ ଗୋସେଇ ବୁଆ |
| ପଣ ଗୋସେଇଁ ମାଆ | : | ପଣ୍ ଗୋସେଇ ମାଆଁ |
| ପଣ ବାପା | : | ପଣ୍ ବୁଆ |
| ପଣ ଆଇ | : | ପଣ୍ ଆଇ |
| ପଣ ଗୋସେଇଁ ବଡ଼ ଭାଇ | : | ପଣ୍ ଗୋସେଇଁ ବଡ଼ ଭାଇ |
| ପଣ ଗୋସେଁ ଦାଦା | : | ପଣ ଗୋସେଇଁ ଦାଦା |
| ଗୋସେ ମାମୁଁ | : | ପଣ୍ ଗୋସେଇଁ ମାମୁଁ |
| ପଣ ଗୋସେଁଇ ସାନମାମୁଁ | : | ପଣ୍ ଗୋସେଇଁ ସାନ୍‌ମାମୁଁ |
| ମିନ୍ନଙ୍ଘାନାନି | : | ପିସି ନାନୀ |
| ସାନ ପୀଉସୀ ନାନି | : | ସାନ୍ ପିସି ନାନୀ |

| | | |
|---|---|---|
| ଗୋସେଇଁ ବଡ଼ ନାନୀ | : | ଗୋସେଇଁ ବଡ଼ ନାନୀ |
| ଗୋସେଇଁ ସାନ ନାନୀ | : | ଗୋସେଇଁ ସନ୍ ନାନୀ |
| ପଣ ଗୋସେଇଁ ମାଆ | : | ପଣ ଗୋସେଇଁ ମାଆ |
| ପଣ ଗୋସେଇଁ ବାପା | : | ପଣ୍ ଗୋସେଇଁ ବୁଆ |
| ଗୋସେଇଁ ଶଶୁର, ଅଜା | : | ଗୋସେଇଁ ଶଶୁର, ଆଜ |
| ଆବା | : | ଆକୁ |
| ଗୋସେଁ ମାମୁଁ | : | ଗୋସେଇଁ ମାମୁଁ |
| ଗୋସେ ସାନମାମୁଁ | : | ଗୋସେଇଁ ସାନ୍ମାମୁଁ |
| ଗସେଇଁ ମାମୁଁ | : | ମାମୁଁ |
| ଆଈର ସାନଭାଇ | : | ସାନ ଦାଦା |
| ମାମୁଁ | : | ମାମୁଁ |
| ଅଜାର ବଡ଼ ଭଉଣୀ | : | ନାନା |
| ଅଜାର ସାନ ଭଉଣୀ | : | ସାନ ନାନା |
| ଆଇର ବଡ଼ ଭଉଣୀ | : | ବଡ ନାନା |
| ଆଇର ସାନ ଭଉଣୀ | : | ସାନ ନାନା |
| ଭାଉଜର ବଡ଼ଭାଇ | : | ସାଙ୍ଗ |
| ଭାଉଜର ସାନ ଭାଇ | : | ସଙ୍ଗାତ |
| ଭାଇ ବହୁ ବଡ଼ଭାଇ | : | ସାଙ୍ଗ |
| ସାନ ଭାଇ ବୋହୁର ସାନ ଭାଇ | : | ସାଙ୍ଗ |
| ବଡ଼ ଭାଉଜର ବଡ଼ ନାନୀ | : | ସଙ୍ଗାତ |
| ଭାଉଜର ସାନ ଭଉଣୀ | : | ସଙ୍ଗାତ |
| ଭାଇ ବୋହୁର ବଡ଼ ନାନୀ | : | ସଙ୍ଗାତ |
| ଭାଉଜର ମାଁ | : | ମାଁ, ଶାଶୁ |
| ସାନଭାଇର ବହୁର ମାଁ | : | ମା,ଶାଶୁ |
| ଭାଉଜର ବାପା | : | ଶଶୁର୍ |
| ଭାଇ ବହୁର ବାପା | : | ବାପ. ଶଶୁର |
| ଜ୍ୱାଇଁଙ୍କ ବାପା | : | ସମୁନ୍ଧି |
| ସାନ ଜ୍ୱାଇଁଙ୍କ ବାପା | : | ସମୁଦି |
| ବଡ଼ ଜ୍ୱାଇଁଙ୍କ ମାଁ | : | ବଡେଇ, ସମୁଦୁଣି |
| ଜ୍ୱାଇଁଙ୍କ ମାର ବାପା | : | ବଡୁ |

| | | |
|---|---|---|
| ଜ୍ୱାଇଁଙ୍କ ବଡ଼ ଭାଇ | : | ଜ୍ୱାଇଁ |
| ଜ୍ୱାଇଁ ସାନ ଭାଇ | : | ଜ୍ୱାଇଁ |
| ଜ୍ୱାଇଁଙ୍କ ବଡ଼ଭାଇ | : | ଜ୍ୱାଇଁ |
| ଜ୍ୱାଇଁଙ୍କ ଭାଇ | : | ଜ୍ୱାଇଁ |
| ଜ୍ୱାଇଁଙ୍କ ବଡ଼ ଭଉଣୀ | : | ବହୁ |
| ଜ୍ୱାଇଁଙ୍କ ର ସାନ ଭଉଣୀ | : | ସାନ ନାନୀ, ବହୁ |
| ଜ୍ୱାଇଁଙ୍କ ସାନ ଭଉଣୀ | : | ବହୁ |
| ଭଣଜା | : | ଭଣଜା |
| ଭାଣିଜୀ | : | ଭାଣିଜୀ |
| ଭଉଣୀର ପୁଅର ସ୍ତ୍ରୀ | : | ଭଣଜା ବହୁ |
| ଭଉଣୀଙ୍କ ଝିଅର ସ୍ୱାମୀ | : | ଜ୍ୱାଇଁ |
| ଭାଣିଜୀ ପୁଅ | : | ନାତିଆ |
| ଭାଣିଜୀର ଝିଅ | : | ନାତୁଣୀ |
| ପୁତରା ର ପୁଅ | : | ନାତିଆ |
| ପୁଅର ଝିଅ | : | ନାତୁଣୀ |
| ଝିଆରୀର ପୁଅର ସ୍ତ୍ରୀ | : | ପୁତୁରା ବୋଉ |
| ଝିଆରୀର ସ୍ୱାମୀ | : | ଝିଆରି ଜ୍ୱାଇଁ |
| ଝିଆରୀର ପୁଅ | : | ନାତି |
| ଝିଆରୀର ଝିଅ | : | ନାତୁଣୀ |
| ମାଁଙ୍କ ବଡ଼ ଭଉଣୀ ସ୍ୱାମୀ | : | ବଡୁ |
| ମାଉସୀ ପୁଅ | : | ଭାଇ |
| ମାଉସୀ ଝିଅ | : | ଭଉଣୀ |
| ସମୁଦିର ସ୍ତ୍ରୀ | : | ସମ୍ଦୁଣୀ |
| ମାମୁଁପୁଅ | : | ଭାଇ |
| ମାମୁ ଝିଅ | : | ଭଉଣୀ |
| ବଡ଼ ମାମୁଁ | : | ବଡ ମାମୁଁ |
| ସାନ ମାମୁଁ | : | ସାନ ମାମୁଁ |
| ପିଉସୀ ପୁଅ | : | ଭାଇ |
| ପିଉସୀ ଝିଅ | : | ଭଉଣୀ |
| ବଡ ମାଆଁ | : | ବଡେଇ |

| | | |
|---|---|---|
| ସାନମାଆ | : | ମାଉସୀ |
| ବଡ଼ ବାପାଙ୍କ ପୁଅ | : | ଭାଇ |
| ଦାଦାପୁଅ | : | କକା |
| ବଡ଼ ବାପାଙ୍କ ଝିଅ | : | ଭଉଣୀ |
| ଦାଦାଙ୍କର ଝିଅ | : | ପିଉସୀ ଝିଅ |
| ଶଶୁରର ମାଆଁ | : | ଆଇଶାଶୁ |
| ଶଶୁରଙ୍କ ବାପା | : | ଅଜା ଶଶୁର |
| ଶାଶୁର ମାଆଁ | : | ଆଈ ଶାଶୁ |
| ଶଶୁର ବଡଭାଇ | : | ବଡୁ ଶଶୁର |
| ସାନ ଶଶୁର | : | କକା ଶଶୁର |
| ଶଶୁର ବଡ଼ ଭଉଣୀ | : | ଅପା ଶାଶୁ |
| ମାଉସୀ ଶାଶୁ | : | ମାଉସୀ ଶାଶୁ |
| ଶାଶୁର ବାପା | : | ଅଜା ଶଶୁର |
| ଶାଶୁର ବଡ ଭାଇ | : | ମାମୁଁ ଶଶୁର |
| ଶାଶୁଙ୍କ ସାନଭାଇ | : | ମାମୁଁ ଶଶୁର |
| ଶାଶୁଙ୍କ ବଡ଼ ଭଉଣୀ | : | ଶାଶୁର ବଡ଼ ଭଉଣୀ,ବଡେଇ ଶାଶୁ |
| ଶାଶୁଙ୍କ ସାନ ଭଉଣୀ | : | ଶାଶୁର୍ ସାନ ଭଉଣୀ, ମାଉସି ଶାଶୁ |
| ଶଳାଙ୍କ ସ୍ତ୍ରୀ | : | ଶଳାର ମାଇଝି, ଭଉଣୀ |
| ଶଳାର ପୁଅ | : | ଭଣଜା |
| ଶଳାର ଝିଅ | : | ଭାଣିଜୀ |
| ଶତ୍ରୁ | : | ଶତ୍ରୁ |
| ସାନ ଶତ୍ରୁ | : | ସାନ ଶତ୍ରୁ |
| ପୁତୁରା | : | ପୁତ୍ରା |
| ଝିଆରି | : | ଝିଆରି |
| ବଡ଼ଶଶୁର | : | ବଡ୍ ଶଶୁର |
| ସ୍ୱାମୀଙ୍କ ବାପାଙ୍କ ମା | : | ଶ୍ୱଶୁରଙ୍କ ମା -ଆଇ ଶାଶ୍ |
| ସ୍ୱାମୀଙ୍କ ମାଆଙ୍କ ବାପା | : | ଶାସୁଙ୍କ ବାପା-ଅଜା ଶଶୁର |
| ସ୍ୱାମୀଙ୍କ ମାଆଙ୍କ ମାଆ | : | ଶାସୁଙ୍କ ମା-ଆଇ ଶାଶ୍ |
| ସ୍ୱାମୀଙ୍କ ବାପାଙ୍କ ବଡ଼ଭାଇ | : | ଶ୍ୱଶୁରଙ୍କ ଭାଇ- କକା ଶଶୁର |
| ସ୍ୱାମୀଙ୍କ ବାପାଙ୍କ ସାନଭାଇ | : | ଶ୍ୱଶୁରଙ୍କ ସାନଭାଇ- କକା ଶଶୁର |

| | | |
|---|---|---|
| ସ୍ୱାମୀଙ୍କ ବାପାଙ୍କର ବଡ଼ ଭଉଣୀ | : | ଶ୍ୱଶୁରଙ୍କ ବଡ ଭଉଣୀ- ଅପା ଶାଶ୍ |
| ସ୍ୱାମୀଙ୍କ ବାପାଙ୍କ ସାନ ଭଉଣୀ | : | ଶ୍ୱଶୁରଙ୍କ ସାନ ଭଉଣୀ-ଅପା ଶାଶ୍ |
| ପାଣି ଘରକୁ ନିଅନ୍ତି | : | ପାଣି ଘରକୟ୍ ନେଏନ୍ତି |

| | |
|---|---|
| ଗାଧୋଇ | : ଗାଧି ବେହେନେ |
| ଗଛରେ | : ଗସ୍‌କେ |
| କରନ୍ତି | : କରଛନ୍ତି |
| ଆଉ | : ଆରି |
| ପିଲାମାନେ ଦାଣ୍ଡରେ ଖେଳନ୍ତି | : ଶୁଆମାନେ ଡ଼ାଣ୍ଡ୍‌କେ ଖେଳନ୍ତି |
| କେତେ ପିଲା ସ୍କୁଲକୁ ଯାଆନ୍ତି | : କେତେ ଶୁଆ ଇସ୍‌କୁଲ ଯାଆନ୍ତି |
| ଗାଁ ଦାଣ୍ଡରେ ବସି କଥାବାର୍ତ୍ତା କରନ୍ତି | : ଗାଁ ଡ଼ାଣ୍ଡ୍‌ରେ ବସିକରି କଥାବାର୍ତ୍ତା କରସନ୍ତି |
| ଗିନାଥାଳି ମାଜନ୍ତି | : ଗିନାଥାଳି ମାଜଛି |

## ଦ୍ୱିତୀୟ ଶ୍ରେଣୀ

## ନଳା ଘର ବନମା

| | |
|---|---|
| ଦୁଇସାଙ୍ଗ | : ଦ୍ୱି-ସାଙ୍ଗ |
| ଦୁହେଁ ବୁଲୁଥିଲେ | : ଦ୍ୱିଜଣ ବୁଲଥିଲାଇ |
| କିଛି ଲୋକ | : କିସି ଲକ୍ |
| ଗୋଟିଏ ବଡ଼ଗଛରେ | : ଗଟେ ବଡ଼ ଗଛ୍‌କେ |
| ଠିଆ ହୋଇଥିଲେ | : ଠିଆ ହିଥିଲାଇ |
| ସେ ଗଛରେ | : ସି ଗସ୍‌କେ |
| ଥିବା ପକ୍ଷୀ ମାନଙ୍କୁ | : ଥିବା ଚଳଇ ମାନଙ୍କୁଇ |
| ଭଲ ପାଉଥିଲେ | : ଭଲ ପାଆଥିଲାଇଁ |
| କଟୁଲୁ କହିଲା | : କଟୁଲ କହଲା |
| ସେଠାରେ ଭିଡ଼ କାହିଁକି | : ସେଠି ଜୋର ଗହଳି କିସ୍‌କଇ |
| ରଙ୍ଗ କହିଲା | : ରଙ୍ଗ କହଲା |
| ଚାଲ ଯାଇ ଦେଖିବା | : ଚାଲ୍ ଯାଇ ଦେଖିବା |
| ଦୁହେଁ ସେଠାକୁ ଗଲେ | : ଦ୍ୱିଝଣ୍ ସିଟିକି ଗଲାଇ |
| ଲୁଚିକରି କଥା ଶୁଣିଲେ | : ଛାପିକରି କଥା ଶୁଣିଲେ |
| ଡରିଗଲେ | : ଡରି ଗଲାଇ |
| ଆମ ଗଛକୁ କାଟିଦେବେ | : ଆମର୍ ଗଛ ଟାକଇ କାଟିଦେ |
| ବର୍ଷାଦିନ | : ବରଷା ଦିନ |
| ପକ୍ଷୀମାନେ | : ଚଳଇମାନେ |
| କରିବେ | : କରିମାଇଁ |
| ଘର ଭାଙ୍ଗିଯିବ | : ଘର ଭାଙ୍ଗିଯିବାକ୍ |

| | | |
|---|---|---|
| ବିଷୟର | : | ଭାବିଲା |
| ରହିବେ କେଉଁଠି | : | କେଁଠି ରହିବାଇଁ |
| ଶୋଇବେ କେଉଁଠି | : | ଶଇବାର କେଁଠି |
| ପିଲା ପୋଷିବେ କେମିତି | : | ଶୁଆଳା କେମନ୍ତ କରି ପୋଷିମାଇଁ |

## ଦ୍ୱୀତୀୟ ଶ୍ରେଣୀ

## ଚାଲ ଘର କରିବା

| | | |
|---|---|---|
| ବୁଲୁଥିଲେ | : | ବୁଲଥିଲାଇଁ |
| ଦୁହେଁ | : | ଦ୍ୱିଜଣ ଯାକ |
| କାଟିଦେବେ | : | କାଟିଦେ |
| ପୋଷିବେ | : | ପାଳିବେ |
| ବଗିଚାରେ ବୁଲୁଥିଲେ | : | ବଗଚାରେ ବୁଲଥିଲାଇ |
| ସେମାନେ ବୁଲୁଥିଲେ | : | ସେମାନେ ବୁଲଥିଲାଇ |
| ରାମ ଓ ସାମ ଦୁହେଁ ବୁଲୁଥିଲେ | : | ରାମ ହାର ସାମ ବୁଲଥିଲାଇ୍ |
| ପିଲାମାନେ ଦୌଡ଼ି କାଟିଦେବେ | : | ପିଲାମାନେ ଦେଉଲ କାଟିଦେବାଏଇଁ |

## ଚିତ୍ରଟାକୁଇ ଦେଖି କଥାଣି କଉ

| | | |
|---|---|---|
| ଗୋଟିଏ ଜଙ୍ଗଲରେ ପୋଖରୀ ଥିଲା | : | ଗଟେ ଜଙ୍ଗଲକେ ପୋଖଁରି ଥିଲା |
| ପୋଖରୀରେ କଇଁଛ ରହୁଥିଲା | : | ପୋଖଁରୀରେ କଛିଅଁ ରହଥିଲା |
| ଖରାବେଳେ ଠେକୁଆକୁ ଶୋଷ ଲାଗିଲା | : | ଖରାବେଳେ ଖେଳିଆକୟ୍ ଶଷ କଲା |
| ଠେକୁଆ ପାଣି ଖୋଜି ବୁଲିଲା | : | ଖେଳିଆ ପାଣି ଖଜି ବୁଲିଲା |
| ସେ ପୋଖରୀଟିଏ ଦେଖିଲା | : | ସେ ପଖଁରୀଟିଏ ଦେଖିଲା |
| ପାଣି ପିଇବି କହିବାରୁ ମନାକଲା | : | ପାଣି ପିଇବି କହିଲାରୁ ମନା କଲା |
| କଇଁଛ:ମୁଁ ଜଙ୍ଗଲ / ପୋଖରିର ରାଜା କହିଲା | : | କଇଁଛ ମୁଁଇ ଜଙ୍ଗଲ ପଖଁରୀର ରାଜା କହିଲା |
| ଠେକୁଆ :ମୁଁ ଜଙ୍ଗଲର ରାଜା କହିଲା | : | ଖେଳିଆ ମୁଁଇଁ ଜଙ୍ଗଲର ରାଜା କହିଲା |
| ସେମାନଙ୍କ ନିଜକୁ ବଡ଼ କହିଲେ | : | ସେମାନଙ୍କ ଭିତ୍ରେ କହିଲାଇ ନିଜକୁ ବଡ଼ |

| | | |
|---|---|---|
| ସେତେବେଳେ ସେମାନେ ଠିକ୍ କଲେ | : | ସେତିକିବେଳେ ସେମାନେ ଠିକ୍ କରଲାଇ୍ |
| ଯିଏ ଦ୍ରୁତ ଗତିରେ ଦୌଡ଼ିବ | : | ଯିଏ ଜୋରରେ ଘଟକିଆଲ |
| ଯିଏ ଆଗରେ ପର୍ବତ ମୁଣ୍ଡିକୁ ଯିବ | : | ଯିଏ ଆଗେ ପର୍ବତ୍ ମୁଣ୍ଡିକୁ ଯିଆକ୍ |
| ଯିଏ ଆଗ ସେ ହେବ ବଡ଼ | : | ଯିଏ ଆଗେ ସିଏ ହେବ ବଡ଼ |
| ଦୌଡ଼ିବା ଆରମ୍ଭ କଲେ | : | ଘଟକିବା ଆରମ୍ଭ କଲାଇ |
| କଇଁଚ ତାର ଗତିରେ ଗଲେ | : | କଇଁଛ ତାର ଗତିରେ ଗଲା |
| ଠେକୁଆ ତାରି ଗତିରେ ଦ୍ରୁତରେ ଗଲେ | : | ଖେଳିଆ ତାର ଗତିରେ ଜୋର୍‌ରେ ଗଲା |
| ଦୌଡ଼ିବା ବେଳେ ବାଟରେ ଥକି ଗଲେ | : | ଘଟକିବା ବେଳେ ବାଟରେ ଥକି ଗଲାଇ |
| ଛାଇରେ ବିଶ୍ରାମ ନେଲେ | : | ସାଇଁକେ ଆରାମ / ଥକା ମାରିଲଇ |
| ଦେଖିଲେ କଇଁଛ ବହୁ ପଛରେ ଅଛି | : | ଦେଖ୍‌ଲା କଇଁଛ ଜୋର ପସରେ ଆଛି |
| ସେ ଭିତରେ ଠେକୁଆ ଶୋଇ ପଡ଼ିଲା | : | ସେଇ ଭିତରେ ଖେଳିଆ ଶୋଇ ପଡ଼ଲା |
| ତାପରେ ଧିରେଧିରେ କଇଁଛ ପହଂଚିଲା | : | ତା'ପଛେ କଇଁଛ ଥିର୍‌ଥିର ପହଂଚିଲା |
| ଠେକୁଆକୁ ପାରି କରି ଆଗକୁ ଗଲା | : | ଠେକୁଆକୟ୍ ପାର୍‌ହି କରି ଆଗିଲା କୟଗଲା |
| ଆଗରେ ଯାଇ ପର୍ବତ ମୁଣ୍ଡିରେ ପହଂଚିଲା | : | ଆଗେ ଯାଇ କରି ପର୍ବତ୍ ମୁଣ୍ଡିରେ ପହଂଚିଲା |
| ପରେ ଠେକୁଆ ଦ୍ରୁତ ଗତିରେ ଦୌଡ଼ିଲା | : | ପଛେ ଖେଳିଆ ଜରେ ଜୋର୍‌ରେ ଘଟକିଲା |
| ଜିତିଲା କଇଁଛ | : | କସିଅଁ ଜିତିଲା |
| ସେଦିନଠାରୁ କଇଁଛକୁ ବଡ଼ ବୋଲି କହିଲେ | : | ସିଦିନ୍‌ଠାଣୁ କସିଅଁ ବଡ଼ ବୋଲି କହିଲାଇ |

# ଚିତର୍ ଦେଖିକରି କହ
## (ବାକ୍ୟ ଗଠନ)

| | | |
|---|---|---|
| ଜଙ୍ଗଲରେ ବାଘ ରହେ | : | ବଣରେ ବାଗ୍ ରହେଇ |
| ଠେକୁଆ ଘାସ ଖାଉଛି | : | ଖେଲିଆ କୁଡ୍ ଖାଆଛି |
| ଠେକୁଆ ଦ୍ରୁତରେ ଦୌଡେ | : | ଖେଲିଆ ଜୋରରେ ଘଟକୟ୍ |
| କୁକୁର ଦୌଡୁଛି | : | କୁକୁର ଘଟକସି |
| ବସ୍ ପହଂଚିଲା | : | ବସ୍ ପହଂଚିଲା |

## ଖରା, ବରଷା, ଶୀତ୍

| | | |
|---|---|---|
| ଗାଁଟିର ନାଁ ଡେଡିପଡା | : | ଗାଁଟାର ନାଉଁ ଡ଼େଡ଼ପଡ଼ା |
| ସେହି ଗାଁରେ ପ୍ରାୟ ଶହେ ଘର | : | ସି ଗାରେ ପ୍ରାୟ ଶହେଟା ଘର୍ |
| ସିଡ୍ରୁ ଗାଁର ସବୁଠାରୁ ଧନୀବ୍ୟକ୍ତି | : | ସିଡ୍ରୁ ଗାଁର ସବୁଠାରୁ ଧନୀ ଲକ୍ |
| ତାଙ୍କ ନାତୁଣିର ନାମ ସଞ୍ଜୁ | : | ତାର ନାନ୍ତଣିର ନାଉଁ ସଞ୍ଜୁ |
| ଢେଢେ ଏତେ ଗରମ କାହିଁକି ହଉଛି | : | ଦଦା ଏତେ ଗରମ କିସ୍‌କଇ ହେଛି |
| ଖରାଦିନେ ଖରାହେବ ନିତି କ'ଣ ହେବ | : | ଖରାଦିନେ ଖରାନାହେବାକ୍‌ତା କିସ୍ ହେବାକ |
| ଆଜିକାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉନାହିଁ | : | ଆଜିକାଲି କିସ୍ ଝାଇକରି ରାତି ହେବାକଇ ନାହିଁ |
| ଖରାଦିନ ବଡ଼ ହୁଏ | : | ଖରାଦିନ ବଡ଼ ହେଇ |
| ସୂର୍ଯ୍ୟ ବଡ଼ି ଭୋରରୁ ଉଦୟ ହୁଅନ୍ତି | : | ବେଳ ସକାଳକରୁ ଉଁଅଇ |
| ଡେରିରେ ଅସ୍ତ ହୁଅନ୍ତି | : | ଡ଼େରିରେ ବେଳ ବୁଡ଼ଇ |
| ଖରାଯୋଗୁଁ ଗଛପତ୍ର ଝାଉଳିଯାଏ | : | ଖରା ଯୋଗୁଁ ଗସ୍‌ପତର୍ ଶୁକିଯାଇ |
| ଗରମ ପବନ ବହେ | : | ତତିଲା ପବନ ବହଇ |
| ବର୍ଷା ହୁଏ ନାହିଁ | : | ବର୍ଷା ହେଇନାହିଁ |
| ଏ ସମୟରେ ଜମି ହଳ କରାଯାଏ | : | ଇ ସମୟରେ ବିଲ୍ ହଳ କରନ୍ତି |
| ଖରାଦିନେ କେଉଁ କେଉଁ ଫଳ ମିଳେ | : | ଖରାଦିନେ କେଁ କେଁ ଫଳ ମିଳଇ |
| ଖରାଦିନ ପାଚିଲାଫଳ ମିଳେ | : | ଖରାଦିନେ ପାକିଲା ଫଳ ମିଳଇ |
| ଖରାଦିନେ କେଉଁ ଫୁଲ ଫୁଟେ | : | ଖରାଦିନେ କେଁ ଫୁଲ ଫୁଟଇ |
| ମଲ୍ଲୀ, ମାଳତୀ, ଟଗର | : | ମଲ୍ଲୀ, ମାଳତୀ, ଟଗର |

| | | |
|---|---|---|
| କେବେ ବର୍ଷା ହେବ | : | କେବେ ବର୍ଷା ହେବାକ୍ |
| ରଜ ପର୍ବକୁ ବର୍ଷା ହେବ | : | ରଜ ପରବକି ବର୍ଷା ହେବାକ୍ |
| ଘରିଆଡ଼େ କାଦ ହେବ | : | ଘରିଆଡ଼େ କାଦ ହେବାକ୍ |
| ସପ୍ତାହ ଧରି ବର୍ଷା ହୁଏ | : | ସପ୍ତେ ଧରିକରି ବର୍ଷା ହେଇ |
| ନଈ ବଢିହୁଏ | : | ନଇବଢ଼ି ହେଇ |
| ବେଶି ଭଲ ଲାଗେ | : | ଢବର ଭଲ୍ ଲାଗଇ |
| ବର୍ଷାହେଲେ ଧାନ ବୁଣାହୁଏ | : | ବର୍ଷା ହେନେ ଧାନ ବୁଣାହେଇ |
| ବର୍ଷାଦିନ ପରିବା ଚଷ କରାଯିବ | : | ବର୍ଷାଦିନେ ପରିବା ଚଷ୍ କରାଯିବାଈ |
| ଶୀତଦିନ ଅମଳ ହୁଏ | : | ଶିତ୍ ଦିନେ ଅମଳ ହେଇ |
| ଧାନ ପାଇଲେ ଚଷି ଖୁସିହୁଏ | : | ଧାନ ପାଇଲେ ଚଷି ଉଷତ |
| ଶୀତରୁ କିପରି ରକ୍ଷା ମିଳେ | : | ଶିତ୍ରୁ କେମନ୍ତ ରବଇଖା ମିଳଇ |
| ଶୀତ ପୋଷାକ ପିନ୍ଧୁ | : | ଶୀତ୍ ଲୁଗା ପିନ୍ଧୁ |
| ନିଆଁ ଜଳାଯାଏ | : | ନିଆଁ ଜଳାଯାଏ |
| ପାଖରେ ବସାଯାଏ | : | ପାସ୍କେ ବସାଯାଏ |
| ଖରା ବର୍ଷା ଶୀତ | : | ଖରା ବର୍ଷା ଶୀତ୍ |
| ଜେଜେ | : | ଦଦା |
| ଶିଘ୍ର | : | ବେଗି/ଝଅଟ |
| ବେଗି | : | ଝାଇଝାଇ |
| ଆଜି | : | ଆଜି |
| ବଡ଼ | : | ମେଗ୍ଲୁ, ବଡ |
| ଆମ ଗାଁରେ ଗଛପତ୍ର ଅଛି | : | ଆମର ଗାଁରେ ଗଛ/ପତର ଆସି |
| ଆମ ଗାଁରେ ନଦୀ ନାଳ ଅଛି | : | ଆମର ଗାଁରେ ନଦୀ ନାଲ୍ ଆଛି |
| କାଦୁଅ ମାଟିରେ ତଳି ଲଗାଯାଏ | : | କାଦୁଅ ମାଟିକେ ଧାନ ଲଗାନ୍ତି |
| ସନ୍ଧ୍ୟାରେ ସୂର୍ଯ୍ୟ ଅସ୍ତ ହୁଅନ୍ତି | : | ସଞ୍ଜ ହେନେ ବେଲ୍ ବୁଡ଼ଇ |
| ସପ୍ତାହକୁ ସାତ ଦିନ | : | ସପ୍ତାକୁ ସାତ୍ ଦିନ୍ |
| ମୋତେ ମାଁକୁ ଭଲ ଲାଗେ | : | ମୋତେ ମାକୁ ନିକ ଲାଗଇ |

## ମାଁ ମିତିର୍ କିଏ ହେବାକ

| | | |
|---|---|---|
| ଆଖିର ଲୁହ ପୋଚିଦିଏ | : | ଆଖିଁର ପାଣି ପୁଛିଦେଇ |
| କାଖ କରେ | : | ପାଖୁରି ଦେଇ୍ |
| ମୋତେ ହସେଇ ଦେବ | : | ମଂକଇ ହଂସାଇ ଦେବାକ୍ |
| ଗୋପ କହିବ | : | ବଖାଣି କହିବ |
| ଗୀତ ଗାଇ ଗାଇ | : | ଗୀତ୍ ଗାଇଁ ଗାଇଁ |
| ବିଂଚଣାରେ ସୁଆଇଦିଏ | : | ବିଛାଇ କରି ସୁଆଇ ଦେଇ |
| ଦାଣ୍ଡରୁ ଆସିଲେ ଆଗ ମୁଁ ଥିବି | : | ଡ଼ାଣ୍ଡରୁ ଆସିଲେ ମୁଇଁ ଥିବି ଆଚା |
| ଧୁଳି ଝାଡିଦିଏ | : | ଧୁଳି ଝାଳି ଦେଇ୍ |
| ମୁଣ୍ଡ କୁଣ୍ଡାଇ ଦିଏ | : | ମୁଣ୍ଡ୍ କଡାଇ ଦେଇ୍ |
| ପୋଷାକ ପିନ୍ଧାଇ ଦିଏ | : | ସାଟ୍ ପେଣ୍ଟ ପିଲାଇ ଦେଇ |
| ହାତ ଟେକି ଦେଖାଏ | : | ହାତ୍ ଟେକି ଦେଖାଏ |
| ଜହ୍ନ ମାମୁଁକୁ ବହି ସଜାଡ଼ି ଦିଏ ହେଇ | : | ଜନ ମାମୁକୟ୍ ବହି ସଜାଲିଦେଇ୍ |
| ପାଠ ପଢିବାକୁ ପଠାଏ | : | ପାଠ୍ ପଢ଼ିବାକଇ ବଟିଆଇ୍ |
| ଦୁନିଆରେ ମୁଁ ବଡ଼ | : | ଦୁନିଆଁରେ ମୁଇଁ ବଡ୍ |
| ଶୁଭ ମନାସିବ | : | ପାଣି ମାନ୍‌ସୁକ୍ କରିବା |

## ମାପରି କିଏସେ ହେବ
## ବାକ୍ୟ ଗଠନ

| | | |
|---|---|---|
| ଚଇତ ପର୍ବରେ ଲୋକେ ନାନାଗୀତ ଗାଆନ୍ତି | : | ଚଇତ୍ ପରବରେ ଲକଳା ଏଟାସେଟା ଗୀତ ଗାଆନ୍ତି |
| ରାମ ଆଖିରୁ ଲୁହ ଗଡାଉଛନ୍ତି | : | ରାମର ଆଁଖିଣୁ ପାଣି ଝଚଛି |
| ମାଁ କଥା କହିଁ ଝିଅକୁ ଶୋଆଉଛନ୍ତି | : | ମାଁ କଥା କହି କରି ଟକିଟାକୁ ଶୁଆସି |
| ଶାଶୁ ବିଂଚଣା ପକାଇ ଶୋଇଛନ୍ତି | : | ଶାଶୁ ବିଛଣା ବିଛାଇକରି ଶୋଇଛନ୍ତି |
| ପିଲାମାନେ ଦାଣ୍ଡରେ ଖେଳୁଛନ୍ତି | : | ଟକାଳା ଡାଣ୍ଡ୍‌କେ ଖେଲଚନ୍ତି |
| ପିଲାମାନେ ଜହ୍ନକୁ ଦେଖୁଛନ୍ତି | : | ପିଲାମାନେ ଜନ ଦେଖଛନ୍ତି |
| ଭଣଜା ମାମୁଁ ଘରକୁ ଯାଉଛି | : | ଭଣଜା ମାମୁ ଘରକଇ ଯାସି |

## ଦ୍ୱିତୀୟ ଶ୍ରେଣୀ

## ଲାକୁ ନୂଆଁ ଜାଗା ଦେଖିଲା

| | | |
|---|---|---|
| ପୁଅର ନାଁ ଲାକୁ | : | ପୁଅର ନାଉ ଲାକୁ |
| ମାଉସୀ ବେମାର ଥିଲେ | : | ମାଉସୀ ଜରାଥିଲା |
| ଲାକୁ ମା'ସହିତ ଦେଖିବାକୁ ଗଲେ | : | ଲାକୁ ମାଁହାକର ସାଙ୍ଗେ ଦେଖିବା କଇ ଗଲା |
| ବାହାରିଲା | : | ବାହାରିଲା |
| ଲାକୁ | : | ଲାକୁ |
| ମା' | : | ମାଁ |
| ଏଇଟା କେଉଁ ବିଦ୍ୟାଳୟ | : | ଏଟା ଲାକୁର ଗସ୍ |
| ଏହାର ନାମ ଡ଼ଙ୍ଗଣି | : | ଇଆର ନାଉଁ ଡଙ୍ଗଣି |
| ସରକାରୀ ପ୍ରାଥମିକ ବିଦ୍ୟାଳୟ | : | ସରକାରୀ ଇସ୍କୁଲ୍ |
| ଏଠାରେ ମୁଁ ପାଠ ପଢୁଥିଲି | : | ଇଠାରେ ମୁଁଇ ପାଠ୍ ପଢ଼ୁଥିଲି |
| ଏଇଟା ଲାକୁର ଗଛ | : | ଏଟା ଲାଓ ଗସ୍ |
| ସେପଟେ ଚମ୍ପା ଗଛ | : | ସେପଟେ ଚମ୍ପା ଗଛ |
| ଆମ୍ବ, ପଣସ, ମନ୍ଦାର | : | ଆମ୍, ପଣସ୍, ମନ୍ଦାର୍ |
| ଏତେ ଗୁଡ଼ିଏ ବଗିଚା | : | ହେତେ ଗୁଡ଼ିଏ ବଗିଚା |
| ପାଣି କୋଉଠି ଦେଉଛ | : | ପାଣି କେଁଠି ଦେସ ? |
| ଦେଖୁନୁ ବଡ଼ କୂଅଁ ଅଛି | : | ଦେଖ୍ ...ନେ ବଡ଼ କୁଉ ଆସି |
| ପମ୍ପରେ ପାଣି ଉଠାଯାଏ | : | ପମ୍ପକେ ପାଣି ଉଠାଯାଇ |
| ବଗିଚାରେ ଦିଆଯାଏ | : | ବଗିଚାକେ ଦିଆହେଇ |
| ବିଦ୍ୟାଳୟରେ କ'ଣ ସବୁ ହୁଏ | : | ଇସ୍କୁଲରେ କିସ୍ ସବୁ ହେଇ |
| ଏହା ମୁନିଖୋଲ ପଂଚାୟତ | : | ଏଇଟା ମୁନିଖୋଲ ପଞ୍ଚାଏତ୍ |
| ଏ ଅଫିସରେ କି କାମ | : | ଏ ଅଫିସ୍‌ରେ କିସ୍ କାମ୍ |
| ଗ୍ରାମ ସଡ଼କ ତିଆରି ହୁଏ | : | ଗାଁ ଶଡ଼କ୍ ତିଆରି ହେଇ |
| ସେଥିରେ ଗୋଟିଏ ସଭାହୁଏ | : | ସିଠି ଗଟେ ସଭା ହେଇ |
| ଗାଁରେ ଗଣ୍ଡଗୋଳ ସମାଧାନ କରେ | : | ଗାଁରେ ବିଚାର ଟୁଟାଇବା |
| କେମିତି ଗଠିତ ହୁଏ | : | କେମତ୍ କରୀ ଗଢନ୍ତି |
| ଗୋଟିଏ ବଡ ଗାଁ | : | ଗଟେ ମେରୁ ଗାଁ |
| ଆଉ କେତେ ଛୋଟ ଗାଁ | : | ଆଉ କେତେ ଛୁଟିଆ ଗାଁ |

## ବାକ୍ୟ ଗଠନ

### ପାଠ-୯

| | | |
|---|---|---|
| ଲାକୁ ଦେଖିଲା ନୂଆ ଜାଗା | : | ଲାକୁ ଦେଖିଲ ନୂଆଁ ଜେଗା |
| ନନ୍ଦନ କାନନ ଦେଖିବାକୁ ବାହାରିଲେ | : | ନନ୍ଦନକାନନ ଦେଖିବାକଇ ବାହାରିଲାଇଁ |
| ଆମ ବଗିଚାରେ ସୁନ୍ଦର ଫୁଲ ଗୁଡ଼ିକ ଫୁଟିଛନ୍ତି | : | ଆମ ବଗିଚାରେ ନିକ ଫୁଲ୍ ଫୁଟିଛି |
| ରାମର ବାଡ଼ିପଟେ ଚମ୍ପାଗଛ ଅଛି | : | ରାମର ବାଳି ପସରେ ଚମ୍ପାଗସ୍ ଆସି |
| ଆମ ସ୍କୁଲ ଆଗରେ ଉତ୍ତମ ସଡ଼କ ଅଛି | : | ଆମ ସ୍କୁଲ ଆଗରେ ନିକବାଟ୍ ଆସି |
| ଶ୍ୟାମ ସୁନ୍ଦରଙ୍କର ବଡ଼ ବନ୍ଧ ଅଛି | : | ଶ୍ୟାମ ସୁନ୍ଦରର୍ ମେରୁ ବନ୍ଧ ଆଛି |
| ଆମ ଗାଁରେ ନୂଆ ଖିଆ କରିବା ପାଇଁ ସଭା ବସିଛନ୍ତି | : | ଆମର ଗାଁରେ ନୂଆଁ ଖିଆ କରିବାକଇ ମିଟିଙ୍ଗ୍ ବସିଛନ୍ତି |
| ଗ୍ରାମ ପଂଚାୟତ ଭଲମନ୍ଦ ସରପଂଚ ବୁଝନ୍ତି | : | ଗ୍ରାମ ପଂଚାୟତ ଭଲମନ୍ଦ ସରପଂଚ ବୁଝନ୍ତି |
| ଆମର ପର୍ବ ପର୍ବାଣୀ | : | ଆମର ପୁନଇ ପରବ୍ |
| ଏହା ଦୀପାବଳୀ ପର୍ବ | : | ଏହା ଦିଆଲି ପରବ୍ |
| କେଉଁ ଠାକୁରାଣୀ ପୂଜା ହୁଏ | : | କେଁ ଦେପ୍ତା ପୂଜା ପାଅଇ |
| ସେ ଦିନ ଘରେ କଣ କରନ୍ତି | : | ସେ ଦିନ ଘରେ କିସ୍ କରନ୍ତି |
| କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା | : | କାର୍ତ୍ତିକ ମାସ ଅନ୍ଧାର ପକ୍ଷ୍ ଅମିସା |

### ଆମର ପୁନେଇଁ ପର୍ବ

| | | |
|---|---|---|
| ହାଣ୍ଡିରେ ଆଧା ପାଣି ଅଛି | : | ହାଣ୍ଡିକେ ଅଧେ ପାଣି ଆସି |
| ଦୀପାବଳୀ | : | ଦିଆଲି |
| ପୂଜା | : | ପୂଜା |

| | | |
|---|---|---|
| କାର୍ତିକ | : | କାତିକ୍ |
| ଅମାବାସ୍ୟା | : | ଅମିସା |
| ମନେ ପକାଇବା | : | ମନେ ପକ୍‌କା |

## ବାର ମାସର ଗୀତ୍

| | | |
|---|---|---|
| ଗ୍ରୀଷ୍ମ, ବୈଶାଖ, ଜ୍ୟେଷ୍ଠମାସ | : | ଗ୍ରୀଷ୍ମ ଋତୁ / ଖରା ରିତୁ ବୈଶାଖ ଓ ଜ୍ୟେଷ୍ଠ ମାସକୁ ନେଇ ହେଇଥାଇ |
| ପ୍ରଚଣ୍ଡ | : | ପ୍ରବଳ |
| ବର୍ଷାରେ ଆଷାଢ ଶ୍ରାବଣ | : | ଆଷାଢ଼୍ ଓ ଶ୍ରାବଣ ମାସକୁ ନେଇ ବରଷା ଋତୁ ହେଇଥାଏ |
| ମେଘ ବରଷେ ଘନ ଘନ | : | ବରଷା ନୁହାକ୍ ତୁହା ବର୍ଷି ଥାଇ |
| ଭାଦ୍ରବ ଆଶ୍ୱିନ ଶରତରେ | : | ଭୁଦ ଓ ଆଶ୍ୱିଣ ମାସ୍‌ରେ ଶରତ ଋତୁ ହେଇଥାଏ |
| ନିର୍ମଳ ଶୋଭା ଜଗତରେ | : | ଚାରିଆଡେ ସଫା ସୁତୁରା ଦିଶଇ |
| ହିମେ କାର୍ତିକ ମାର୍ଗଶିର | : | କାର୍ତିକ ଓ ମାର୍ଗଶିର ମାସକୁ ନେଇ ହିମ ଋତୁ ହେଇଥାଏ |
| ରାତିରେ ପଡ଼ଇ ଶିଶିର | : | ସେ ରିତୁରେ ରାତି ସମୟରେ ଶିଶିର ବା କାକର ପଡିଥାଏ |
| ଶୀତରେ ପୌଷ ମାଘ | : | ପୁଷ୍ ଓ ମାଘ୍ ମାସ୍‌କୁ ନେଇ ଶୀତ୍ ରିତୁ ହି ଥାଏ |
| ଫାଲଗୁନ ଚୈତ୍ର ବସନ୍ତରେ | : | ଫଗୁଣ ଓ ଚଇତ୍ ମାସ୍‌କୁ ବସନ୍ତ ଋତୁ କହନ୍ତି |
| ମୃଦୁ ବଳୟ ମନହରେ | : | ସୁନ୍ଦର ସୁଗନ୍ଧିତ ପବନ ମନ୍‌କି ହରିନିଏ |
| ବାସ ମାସର କଥା | : | ବାର ମାସର କଥା ସରିଲା |

## ତୃତୀୟ ଶ୍ରେଣୀ

## ଆମ ଭାଷା, ସାହିତ୍ୟ

| | | |
|---|---|---|
| ଜନମ ଯେଉଁ ଦେଶରେ | : | ଯେଁ ଦେଶରେ ଜନମ୍ |
| ଯାହାର | : | ଯା'ର |
| ବଢ଼ୁଚି | : | ବଢ଼ସି |
| ଜନନୀ ପାଳୁଚି | : | ମାଁ ପାଳଛି |

| | | |
|---|---|---|
| ଗହନ ବନ | : | ଜଙ୍ଗଲ୍ ବଣ୍ |
| ଶ୍ୟାମଳ ତରୁ | : | ଶାଗୁଆ ଗଛ୍ |
| ଗହଳ ଲତା | : | ବହଳିଆ ଲଟି |
| ଦେହେ | : | ଦେହକେ |
| ଶୋହେ | : | ସୁନ୍ଦର୍ |
| ଡାଳେରୁ | : | ଏ ଡାଳରୁ |
| ଡାଳେ | : | ସେ ଡ଼ାଳ |
| ବିହଙ୍ଗ | : | ଚଳଇ |
| ମୁଁ ପିପିଲି ଗୁଡ଼ାରେ ଜନ୍ମ ହୋଇଛି | : | ମୁଁଇ ପିପିଲି ଗୁଡ଼ାରେ ଜନମ୍ ହିଛଇଁ |
| ମାଁ ଶିଶୁକୁ ଧରିଛି | : | ମାଁ ଛୁଆଟା କଇ ଧେରିଛି |
| ଫୁଲ ଗଛ ବଢୁଛି | : | ଫୁଲ ଗସ୍ ବଡ଼ସି |
| ଗାଈ ଗୃହ ପାଳିତ ପଶୁ | : | ଗାଈ ଗୃହପାଳିତ ପଶୁ |
| ଗାଁ ପାଖରେ ଗହନବନ ଅଛି | : | ଗାଁ ପାସ୍‌କେ ଲଟି ଜଙ୍ଗଲ ଆଛି |
| ତାରାକା | : | ତାରା |
| ଜୋଚନା | : | ଉକିଆ |
| ବିମଳା | : | ବିମଲ୍ |
| ଶଶୀ | : | ଜନ୍ |
| କୁସ୍‌ମପୁଟି | : | ଫୁଲ୍‌କା |
| ସାଗରେ | : | ସମୁନ୍ଦର୍‌ରେ |
| ଲହରୀ | : | ଉଲ୍ଲାଲ୍ |
| ଚରଣ | : | ପାଦ୍ |
| ସରାଗେ | : | ଉସତ୍ |
| ପଲ୍ଲୀ | : | ଗାଁ |
| ସଭିଏଁ | : | ସୁବିଏ |
| ସେନେହେ | : | ସରଦାରେ |
| ଆକାଶରେ ତାରାକା ଦେଖାଯାଆନ୍ତି | : | ଆକାଶରେ ତରା ଦେଖାଦେନ୍ତି |
| ପୂର୍ଣ୍ଣମୀ ଦିନ ପୂର୍ଣ୍ଣ ଶଶୀ ଦେଖାଆନ୍ତି | : | ପୁନଇଁ ଦିନ ପୁରାଜନ ଦେଖାଦେନ୍ତି |
| ସମୁଦ୍ରରେ ଲହରି ବାରମ୍ବାର ମାରେ | : | ସମୁନ୍ଦର୍‌ରେ ହରଦମ୍ ଉଲ୍ଲାଳ ମାରଇ |

## ତୃତୀୟ ଶ୍ରେଣୀ

## ଦ୍ୱିତୀୟ ପାଠ

## ଆସ ଜହ୍ନଟାକଇ ଧେରିବା

| | | |
|---|---|---|
| ପୋଖରୀ | : | ପଙ୍ଗରି |
| ସମସ୍ତେ | : | ସୁବିଏ |
| ଉପାୟ | : | ବୁଦ୍ଧି |
| ପାଂଚିଲେ | : | ଭାବିଲାଇଁ |
| ବ୍ୟସ୍ତ | : | ହରବର |
| ଅନ୍ୟମାନେ | : | ଆରଲା |
| ବୋଧହୁଏ | : | ହିଥିବାକ୍ |

## ତୃତୀୟ ପାଠ

## କହିବା ଆଗରୁ କହିବା

| | | |
|---|---|---|
| ବିଦ୍ୟାଳୟ | : | ଇସ୍କୁଲ୍ |
| କାହାଣୀ | : | ବଖାଣି, କଥାଣି |
| ଚମତ୍କାର | : | ଟାଟକା |
| ଖୁବ୍ | : | ଜବର୍ |
| ସୁସ୍ୱାଦ | : | ମହୁର୍ |
| ଅମଙ୍ଗ | : | ଅରାଜି |
| ଆରୋଗ୍ୟ | : | ନିରୋଗୀ |
| ଉପଦେଶ | : | ଭଲ୍ ବାଟ୍  ନେଥେଇବା |
| ସଂକଳ୍ପ | : | ଭଲ୍ କାମ କରିବାର ସ୍ଥିର କରିବା |
| ଚିକିତ୍ସକ | : | ଭଲ ହେବା କଇ |
| ସୁଫଳ | : | ଭଲ ଫଲ୍ |
| ଶିଘ୍ର | : | ବେଗି |
| ସ୍ୱାଧୀନତା | : | ନିଜର ଇଚ୍ଛା |

ଯାଦୁକର ଚମତ୍କାର ଖେଳ ଦେଖେଇଲେ: ଇଲାଗ୍ ନାଁ ଦେଖିବା ଖେଳ ଦେଖାଇଲା ମେଜିକ କର

ରୋଗୀଟି ଆରୋଗ୍ୟ ହେଲା : ବେମାରିଟା ନିକ ହେଲା

ଶିକ୍ଷକଙ୍କ ରାଗ ମୁହୂର୍ତ୍ତକ ଭିତରେ କମିଗଲା : ମାଷ୍ଟ୍ରର୍‌ଟାର ରାଗ୍‌ଟା ଝାଇକରି ଥମରିଗଲା ।

## ଚତୁର୍ଥ ପାଠ

## ଭାସିଯା ମର କାଗଜ ଡ଼ଙ୍ଗା

| | | |
|---|---|---|
| ଝିପିଝିପି | : | ଝୁପୁର୍ |
| ବିଜୁଳି | : | ବିଜୁଲି |
| ଅସୁମାରି | : | ଅସୁମାରି |
| କାର୍ତ୍ତିକ ମାସେ | : | କାର୍ତିକ ମାସ୍‌ରେ |
| ବୋଇତ | : | ଡ଼ଙ୍ଗା |
| ସାଧବାଣୀ | : | ସାଧବାଣି/ସାଧବବୁଢ଼ୀ |
| ଝଡତୋପାନ | : | ଝଡବତାସ |
| ଦରିଆ | : | ସମୁନ୍ଦର୍ |
| ନାରିକେଳ | : | ନଡିଆ |
| ଭରସା | : | ଆଶା |
| ଶ୍ରାବଣ ମାସରେ ବିଶେଷ କରି ଝିପିଝିପି ବର୍ଷାହୁଏ | : | ଶ୍ରାବଣ ମାସେ ବିଶେଷ କରି ଟୁପୁର୍ ଟୁପର୍ ପାଣି ମାରଇ |
| ଆକାଶରେ ମେଘ ଆସିଲେ ବିଜୁଳି ମାରେ | : | ଆକାଶରେ ମିଲ୍‌କାୟ୍ ମିଲକାୟ୍ ମାରେ |
| ଝଡ ତୋପାନ ହେଲେ ଘରଦ୍ୱାର ଭାଙ୍ଗିଯାଏ | : | ଝଳି ବରଷା ହେଲେ ଘରଦ୍ୱାର ଭାଙ୍ଗଇ |

## ପଂଚମ ପାଠ

## ସେମାନେ ଆଥେରେ ହସିଲାଇ

| | | |
|---|---|---|
| ଯାନିଯାତ୍ରା | : | ପରବପର୍ବାଣି |
| ପାହାରେ | : | ବାଡ଼ିଏ |
| ଦୁଃଖ | : | ଦୁଃଖ୍ |
| ଶବ୍ଦ | : | ଶବଦ |
| ହାଲୁକା | : | ଉଷାଶ୍ |
| ହଠାତ୍ | : | ଝାଇ କରି |
| ଜବତ | : | ଆକଟ |
| ଯାନିଯାତ୍ରାରେ ବହୁତ ଲୋକ ଠୁଳ ହୁଅନ୍ତି | : | ଯାନି ଯାତରାରେ ଜବର ଲକ ଠୁଳିଆଇ ହି ଥାନ୍ତି |

| | | |
|---|---|---|
| ବିଲେଇ ସବୁଦିନେ ଭାତ ଚୋରି ଖାଉଥିବାରୁ | : | ବିଲେଇ ସବୁଦିନ ଭାତ୍ ଚୁରାଇ ଖାଥିବାରୁ ଦିନେ |
| ଦିନେ ଘର ମାଲିକ ପାହାରେ ଦେଲେ | | ଘରର ସାହୁ ବାଡ଼ିଏ ମାରିଦେଲା |
| ଜଣେ ଲୋକ ଶହେଟଙ୍କା ପାଇବାପାଇଁ | : | ଜଣେ ଲୋକ ଶହେ ଟଙ୍କା ପାଇବା ପାଇଁ ମାଲିକଙ୍କୁ |
| ସାହୁକାରଙ୍କୁ ନେହୁରା ହେଲା | | ଆକୁଳ ବିକଳ ମାଗିଲା |
| ଘନର ସ୍ତ୍ରୀ ମରିବାରୁ ଦୁଃଖରେ ରହିଛି | : | ଘନର ମାଈଁ ମରିବାରୁ ଦୁଃଖରେ ରହିସି |
| ବାଣ ଫୁଟିଲେ ଶବ୍ଦ ହୁଏ | : | ଫଟକା ଫୁଟିଲେ ଶବଦ୍ ହେଇ |
| ବନବିଭାଗ କର୍ମଚାରୀ ମାନେ ଚୋରୀ | : | ଗାଡ୍‌ମାନେ ଚୁରାଇକରି ନେଉଥିବା କାଠଲାକୟ୍ |
| ନେଉଥିବା କାଠକୁ ଜବତ କରନ୍ତି | | ଜବତ୍ କରନ୍ତି |

## ସପ୍ତମ ପାଠ

## ତର ମିତିରି ଛୋଟିଆ ପିଲାଟିଏ

| | | |
|---|---|---|
| ଗାଁ ଚାହାଳି | : | ଗାଁ ଇସ୍କୁଲ୍ |
| ଚାଟ | : | ପାଠ୍ |
| ଡଉଲଡାଉଲ | : | ଗୁଲ୍ ଗାଲିଆ |
| ସରସର | : | ସର୍‌ବର୍ |
| ତିଳେହେଁ | : | କୁଟିଏହେଁ |
| ସମତୁଲ | : | ସମାନ |
| ଚାଟସଭା | : | ପାଠ ମଟିଙ୍ଗ୍ |
| ବାରିଷ୍ଟର | : | ଓକିଲ |
| ଯଶ | : | ନାଁ |
| କାନେକାନେ | : | କାନେ କାନେ |
| ଗୌରବ | : | ଟେକ୍‌ପଣ |
| ମହିମା | : | ମହିମା |
| ତେଜଭରା | : | ତେଜଭରା |
| ମହତ୍ୱ | : | ମହତ୍, ଭଲ |

ଜ୍ୱର ହେଲେ ତିଳେହେଁ ବିଳମ୍ବ କରିବା ଉଚିତ୍ ନୁହେଁ : ଜ୍ୱର ହେଲେ କୁଟିଏହିଁ ଡ଼େରି କରିବା କଥା ନାହିଁ

ସ୍କୁଲରେ ଚାଟସଭା କଲେ ଉନ୍ନତି ହୁଏ : ଇସ୍କୁଲ୍‌ରେ ଋଟ ସଭା କଲେ ଉନ୍ନତି ହେଇ

ମୃତ୍ୟୁ ଖବର କାନେ, କାନେ କୁହାଯାଏ : ମୃତ୍ୟୁ ଖବର କାନେକାନେ କହନ୍ତି

ଗଛ ଲଗାଇବା ମହତ କାର୍ଯ୍ୟ : ଗସ୍ ଲଗବାଟା ଗଟେ ମହତ୍ କାମ

## ଅଷ୍ଟମ ପାଠ

## ସବୁ ନିକ

## (ସବେଏଁ ସୁନ୍ଦର)

| | | |
|---|---|---|
| ପ୍ରଚୁର | : | ଜବର |
| ପୃଥିବୀ | : | ପୃଥ୍ୱୀ |
| ଇତ୍ୟାଦି | : | ଇମିତିର୍ |
| ମରୁଭୂମି | : | ଟାଙ୍ଗରା ଭୂଇଁ |
| ବାଷ୍ପ | : | ଜୁହୁଡ଼ି ଫାଗ |
| ପରିଷ୍କାର | : | ସଫାସୁତର୍ |
| ଏ ବର୍ଷ ପ୍ରଚୁର ବାଇଗଣ ଫଳିଛି | : | ଏ ସୁଁ ଜବର ବାଇଗଣ ଫଳିସି |
| ପୃଥିବୀରେ ତିନି ଭାଗ ଜଳଏକଭାଗ ସ୍ଥଳ | : | ପୃଥିବୀରେ ତିନ୍ ଭାଗ୍ ପାଣି ଭାଗେ ଭୂଇଁ |

## ଅଷ୍ଟମ ପାଠ

## ସାଇଜର ଫଳ

| | | |
|---|---|---|
| ମରୁଡି | : | ମରୁଲି |
| ଆଉଟୁପାଉଟୁ | : | କଲ୍‌ବଲ୍ |
| ହାହାକାର | : | ହାଇହାଇ |
| ପଣ୍ଡିତ | : | ପଣ୍ଡିତ୍ |
| କରୁଣା | : | ଦୟାଭାବ |
| ଚକିତ ଚାହାଣି | : | ଟାଟ୍‌କା |
| ବିପଦ | : | ଦୁଃଖ |
| ପ୍ରଣାମ | : | ଜୁହାର୍ |
| ଅନୁରୋଧ | : | ଗୁହାରି |
| ମାଲିକ୍ | : | ସାହୁକାର୍ |

| | | |
|---|---|---|
| ସୌଭାଗ୍ୟ | : | ଭଲଭାଗ୍ୟ |
| ଉତ୍ସାହିତ | : | ରସତ |
| ଉନ୍ନତି | : | ଆଗକୁ ବଢିବା, ଧନରେ ବଢିବା |
| ସହାନୁଭୁତି | : | ସହାନୁଭୁତି |
| ମଗୁଡି | : | ଏ ବରଷର ଋଷ୍ ନା ହେବାରୁ ମରଲି୍ |
| ପିଲାଟି ଖାଇବାକୁ ନପାଇ ଆଉଟୁ ପାଉଟୁ ହେଲା | : | ପିଲାଟି ଖାବାକଇ ନପାଇ ଆକୁପାକୁ ହେଲା |
| ରାମ କୁ ହରି କରୁଣା କଲେ | : | ରାମକୁ ହରି ଦୟା କଲା |
| ମୁଁ ମୋ ପିତା, ମାତାଙ୍କୁ ପ୍ରତିଦିନ ସକାଳୁ ପ୍ରଣାମ କରେ | : | ମୁଁ ବୁଆ ମାଁ କଇ ସବୁଦିନ ଜୁହାର କରଇ |
| ଆମ ଗଣିତ ଶିକ୍ଷକ ଉତ୍ସାହିତ କରି ଗଣିତ ପଢାନ୍ତି | : | ଆମ ଗଣିତ ମାଷ୍ଟର ଉଷତ୍ କରି ପାଠ୍ ପଢ଼ାନ୍ତୁ |

## ଦଶମ ପାଠ

## ଛୋଟିଆ ଫୁଲର ଗନ୍ଧ-ସୁରୁଫୁଲର୍ ବାସନା

| | | |
|---|---|---|
| ଭଅଁର | : | ଭମରା |
| ଜଗତ କରତା | : | ଜଗତ ଠାକୁର୍ |
| ଅପାର | : | ଅନେକ |
| କରୁଣା | : | ଦୟା, ଧରମା |
| ଭକତି ଅନ୍ତରେ | : | ଭକତି ମନରେ, ଭକ୍ତି ମନରେ |
| ପ୍ରଭୁ ପରମେଶ୍ୱର | : | ଇଶ୍ୱର ଠାକୁର, ପ୍ରଭୁ ଭଗବାନ |
| ମାଖି | : | ବୋଲିହେବା, ମାଖି |
| ପାଖୁଡ଼ା | : | ଫାଖୁଡ଼ା |
| ବିତରିବା | : | ବାଂଟିବା |
| ତୋଷି | : | ମନକୁ ଜିତିବା |
| ଭଅଁର ଫୁଲର ରସ ଶୋଷିଦିଏ | : | ଭମରା ଫୁଲର ରସ୍ ପିଇଦେଇ |
| ରାଜା ମାନଙ୍କ ପାଖରେ ଅପାର | : | ରାଜା ମାନଙ୍କ ନିକଟରେ ବହୁତ ଧନ ଦରବ୍ ରହୁଥିଲା |
| ଧନ ରହୁଥିଲା ପରମେଶ୍ୱରଙ୍କୁ | : | ଠାକୁରଙ୍କୁ ଭକ୍ତିର ସହ ପୂଜା ଅର୍ଚ୍ଚନା କଲେ ନିଇର |

| | | |
|---|---|---|
| ଆନ୍ତରିକ ସହ ପୂଜା ଅର୍ଚ୍ଚନା କଲେ | | ମନକଥା ଶୁଣନ୍ତି |
| ମନସ୍କାମନା ପୂରଣ ହେବ | | |
| ଲୋକମାନେ ଖାଦ୍ୟ ଓ ପୋଷାକ | : | ଧନୀ ଲକ୍‌ଲା ତାହାଙ୍କର ଇଛାରେ ଖାଇଦ, ଲୁଗା ପଟା |
| ବିତରଣ କରୁଥିଲେ | | ବାଂଟ ଥିଲାଇ |
| ସୀତା ରାମର ମନକୁ ଟାଣିନେଲା | : | ରାମର ମନଟାକଇ ସୀତା ଟାଣିନେଲା |

## ଚତୁର୍ଦ୍ଦଶ ପାଠ

## ଜଙ୍ଗଲ ମିଟିଙ୍ଗ୍

| | | |
|---|---|---|
| କୋଳାହଳ | : | ହୁ ହାଲା |
| ଆୟୋଜନ | : | ବନ୍ଦବସ୍ତ, ଯୋଗାଳ |
| ହେଲା | | |
| ପ୍ରଣାମ | : | ଜୁହାର୍ |
| କୌଶଳ | : | ଝଲାକ୍, ଉପାୟ୍ |
| ନୀରବ | : | ନୀରବ୍, ଚୁପ୍ ଚାପ୍ |
| ଶାସ୍ତି | : | ଦଣ୍ଡ |
| ସାରସପକ୍ଷୀ | : | ଟଳଇ |
| ନିରୀହ | : | ଭିକାରୀ, ଦୁଷେ ପାପେ ନାହିଁ |
| ସ୍ୱୀକାର | : | ମନିନେବା |
| ସ୍ୱାର୍ଥପର | : | ନିଜରଲାଗି |
| ସମ୍ମୁଖୀନ | : | ମୁହାଁମୁହିଁ |
| ବଜାରରେ କୋଳାହଳ ହୁଏ | : | ହାଟରେ ହୋ ହାଲ୍ଲା ହେଇ |
| ବୟସ୍କ ଲୋକଙ୍କୁ ପ୍ରଣାମ କରିବା | : | ବୁଢ଼ା ଲାକଇ ଜୁହାର କରିବା |

## ପଂଚଦଶ ପାଠ

## ବଣ ହେଲା ବଣି

| | | |
|---|---|---|
| ପଂଜୁରି | : | ପଂଜୁର୍ |
| ନିଇତି | : | ଦିନ୍ ଦିନ୍ |
| ମିତ | : | ସଇ |
| ବନ୍ଧୀ | : | ବନ୍ଧ୍ |

| | | |
|---|---|---|
| ଅସ୍ତ୍ର | : | ଅସ୍ତ୍ର |
| ଅସହଯୋଗ | : | କଥା ନା ହେବା/ସାହାର୍ଯ୍ୟ ନ କରିବା |
| ପଂଜୁରୀରେ ଶୁଆ, ଶାରୀଙ୍କୁ ପୋଷନ୍ତି | : | ପଂଜୁର୍ କେ ଶୁଆ ଶାରି ଲାକଇ ପୋଷନ୍ତି |
| ମିତ ସହ ବିଶ୍ୱାସ ଘାତକ କରିବା ଆବଶ୍ୟକ ନୁହେଁ | : | ସଇ ସାଙ୍ଗେ ଅବିଶାସୀ କରିବ ନାହିଁ |
| ଚୋରୀ ହାରି କଲେ ପୋଲିସ ନେଇ ବନ୍ଦୀ କରନ୍ତି | : | ଚୋର୍ ହାର କଲେ ପୋଲିସ୍ ନେଇ ଥାନାରେ ବାନ୍ଧୟାତ୍ |
| ଚୋର ମାନେ ହାତରେ ଅସ୍ତ୍ର ଧରି ବୁଲନ୍ତି | : | ଚୋର୍‌ମାନେ ହାତରେ ବୁଡ଼ିଆ କାତି ଧରିକରି ବୁଲନ୍ତି |

## ନେତା ବକ୍ସି ଜଗବଂଧୁ

| | | |
|---|---|---|
| ନିକାଚଂନ | : | ନାଁ ଯିବା ଯାଗା |
| ସର୍ଦ୍ଦାର | : | ଡାକୁଟା/ମୁଖିଆ |
| ଦୃଷ୍ଟି | : | ଦେଖିଆ |
| ସମ୍ମାନ | : | ଜୁହାର |
| ନିର୍ଦ୍ଦୟ | : | ହରକତ, ଦୟା ଧରମ୍ ନାହିଁ |
| ଶରସ | : | ବଢ଼ିଆଁ |
| ରେଢାଖୋଲ ଅଂଚଳରେ ଏକ ନିକାଚଂନ ଜଙ୍ଗଲ ଅଛି | : | ରେଢାଖୋଲ ଅଂଚଳରେ ଜୋର ଜଙ୍ଗଲ ଆସି |
| ଚକ୍ଷୁହୀନ ଲୋକଙ୍କୁ ଦୃଷ୍ଟିହୀନ କୁହାଯାଏ | : | ଆଖିନାଥିବା ଲୋକ୍‌ଯାକଇ କଣା କହନ୍ |
| ଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଦେବା ଉଚିତ | : | ବଡ଼ ଲୁକ୍‌କାକଇ ମାନ ସମ୍ମାନ ଦେବାର କଥା |
| ଗୋପାଳ ଜଣେ ନିର୍ଦ୍ଦୟ ବ୍ୟକ୍ତି | : | ଗୋପାଳ ଜଣେ ଦୟା ଧରମ୍ ଲକ୍ ନାହିଁ |

## ପାଠ -୧

## କାଗଜ ଖେଲ୍

| | | |
|---|---|---|
| ରିଙ୍କୁ ଓ ମିଙ୍କୁ | : | ରିଙ୍କୁ ଆର୍ ମିଙ୍କୁ |
| ଡ଼ଙ୍ଗା | : | ଡ଼ଙ୍ଗା |
| ଫଟକା | : | ଫୁଟକା |
| ଟୋପି | : | ଟୁପି |
| ଟ୍ରେ ଟ୍ରେ | : | ଥାଳି |
| ପ୍ରଭୃତି | : | ନାନା ପ୍ରକାର |
| ଭାଙ୍ଗି | : | ଭାଙ୍ଗ୍ |
| କ'ଣ | : | କିସ୍ |
| ସେହିଭଳି | : | ସିମିତି |
| ଖଣ୍ଡେ | : | ଫାଲେ |
| ଦାଗ | : | ଦାଗ୍, ଚିନ୍ |
| ଖୁବ୍ ଜୋରରେ ଚାପିଦିଅ | : | ବେଶୀ ଜୋରରେ ଋପିଦେ |
| ସ୍ଥାନରୁ କାଟିଦିଅ | : | ଜାଗାରୁ କାଟିଦେ |
| ଆକୃତି | : | ହିମିତିର୍, ଢଙ୍ଗର୍ |
| ତ୍ରିଭୂଜ କୁହାଯାଏ | : | ତିନ୍ କୋଣିଆଁ କହନ୍ତି |
| ନିଅ | : | ନେଁ |
| ତାହାକୁ ରଙ୍ଗଦିଅ | : | ତାକଇ ରଙ୍ଗଦେ |
| ତ୍ରିଭୁଜି | : | ତ୍ରିଭୂଜ |
| ତିଆରି | : | ବନମା ଗଢ଼ିବା |
| ଅଠାରେ ଲଗାଅ | : | ଅଠାରେ ଲଗା |
| କଇଁଚି | : | ଋକୁ |
| ସାହାଯ୍ୟରେ | : | ସାଇଜରେ |
| ତିନିପଟରେ | : | ତିନିବାଟେ |
| ଥିବା | : | ଥିବା |
| ବାହୁ କୁହାଯାଏ | : | ବାହି |
| କେତୋଟି | : | କେତ୍‌ଟା |
| ପ୍ରତ୍ୟେକ | : | ସବୁ |

| | | |
|---|---|---|
| ରକ୍ଷି | : | ରକ୍ଷି |
| ଚାରିପାଖରେ | : | ଚାରିଆଡେ |
| ଟାଣ | : | ଟାଣ୍ |
| ପାଉଛ | : | ପାଉଚ |
| କିପରି | : | କେମନ୍ତ |
| ଆୟତ ଚିତ୍ର | : | ଘରିକଣିଆ |
| ଅଂଶରେ | : | ଫାଲେ |
| ଚିହ୍ନାଉଥିବା | : | ଚିହ୍ନାଇଁ ଦେବା |
| କାଠି | : | କାଠି |
| ଖଡ଼ିକା | : | ଖଳିକା |
| ଯୋଡ଼ି | : | ଲଦା |

## ଜିନିଷକଇ ଦେଖିକରି ଜାଣିମା
## ଗଣିତ ମଜା

| | | |
|---|---|---|
| ବୃତ | : | ଗୋଲେଇ |
| ଧାର | : | ଧାର୍ |
| ବକ୍ର | : | ବଙ୍କା |
| ସରଳ | : | ସିଧା, ସଳଖ୍ |
| ସରଳରେଖା | : | ସିଧାରେଖା |
| ବକ୍ରରେଖା | : | ବଙ୍କାଗାର |
| ଜ୍ୟାମିତି ବାକସ୍ | : | ଜ୍ୟାମିତି ବାକସ୍ |
| ଟ୍ୟାନ୍ ଗ୍ରାମ୍ | : | ଟ୍ୟାନ୍‌ଗ୍ରାମ୍ |
| ଟ୍ୟାନଗ୍ରାମ ଚିତ୍ର | : | ଟ୍ୟାନଗ୍ରାମ୍ ଚିତ୍ର |
| କ୍ଲିପ | : | କ୍ଲିପ୍ |
| ବ୍ୟବହାର | : | ବେଭାର |
| କେବଳ | : | କେବଲ୍ |
| ଘର ଅଗଣା | : | ଘର୍ ଡାଣ୍ଡ |
| ମୁରୁଜ | : | ମୁରୁଜ୍ |

ବିନ୍ଦୁ : ଟୋପା
ଅଙ୍କନ : ଚିତିର
ଡାହାଣପଟେ : ଭୁଜୁଣିଆଡ଼େ
ଗ୍ଲାସ : ଗିଲାସ୍
ଗ୍ରିଡରେ : ଗ୍ରୀଡ୍‌ରେ
ବସ୍ତୁ : ଜିନିଷ୍
ବାହୁ : ବାହୁ
ଦୈର୍ଘ୍ୟ : ନମା
ନିମ୍ନରେ : ତଳେ
ବର୍ଗଚିତ୍ର : ବର୍ଗଚିତ୍ର
ଆୟତଚିତ୍ର : ନମା ଛରିକଣିଆ ଚିତ୍ର
ଭଳି : ମିତି
କ୍ଷୁଦ୍ରତମ : ଇଡିକୁଟିଏ
ବଳକା : ବଳିଲା
ସାହାଯ୍ୟ : ସାଇଜ
ଲକ୍ଷ୍ୟ : ନଜର୍,ନଞ୍ଜାର
ବର୍ଗାକାର : ସମାନ ଛରିକୋଣିଆ
ସଜାଡ଼ : ସଜାଡ଼
ସମ୍ପର୍କ : ସଂପର୍କ
ବିପରିତ : ଆରପଟ
ସୃଷ୍ଟି : ତିଆରି
ଏହାଦ୍ୱାରା : ଇଆର ଦ୍ୱାରା
ସାରଣୀ : ସାରଣୀ
ମୁଣ୍ଡଳା : ଗୋଲେଇ, ମଣ୍ଡଳା
ବାହୁସଂଖ୍ୟା : ବାହୁସଂଖ୍ୟା
କୋଣ : କଣ
କର୍ଣ୍ଣ : କାନ୍, କର୍ଣ୍ଣ

## ତୃତୀୟ ଶ୍ରେଣୀ

## ବସ୍ତୁର୍ ଆକୃତି ଜାଣିମା

### ଗଣିତ ମଜା

| | |
|---|---|
| ସର୍କସ | ସର୍କସ୍ |
| ଗୋଲକ | ଗୋଲକ, ଗୋଲ |
| ସିଲିଣ୍ଡର | ସିଲିଣ୍ଡର |
| ଆସିକ୍ରିମ୍ | ଆଇସ୍‌କ୍ରିମ୍ |
| ବରଫ | ହେମ୍ |
| ଆୟତଘନ | ନମା ନିଦା ଛରିକଣିଆ ଜିନିଷ |
| ସମଘନ | ସମାନ ଛରିକଣିଆ ଜିନିଷ |
| କୋନ | କୋନ୍ |
| ବାଟେରୀ | ବେଟାରି |
| ଦିଆସିଲି | ମାଚିସ୍ |
| ଚଟାଣ | ଭୁଇଁ |
| ଡିଜାଇନ୍ | ବଢିଆଁ |
| ସମ୍ପୂର୍ଣ୍ଣ | ସବୁ |
| ନକ୍ସା | ନକସା |
| ପହଂଚିବା | ପହଂଚିବା |
| ଶ୍ରେଣୀଗୃହ | ପାଠ୍ ପଢ଼ ଘର୍ |
| ରୋଷେଇ ଘର | ରନ୍ଧାଘର୍ |
| ନଳକୂପ | ଟାଙ୍କି, ନଳକୂଅ |
| ଗଣିବା | ଗଣିବା |
| ଯେପରି | ଯେମଂତ୍ |
| ସେହିପରି | ସେମନ୍ତ |
| ଏହିପରି | ଇମିତି |
| କଂଟା | କଂଟା |
| ସଂଖ୍ୟା | ସଂଖ୍ୟା |
| କ୍ରମାନ୍ୟରେ | ଧାଣ୍ଡି, ଧାଡ଼ି ଧାଡ଼ି କ୍ରମରେ |
| ତୀରଚିହ୍ନ | କାଣ୍ଡ ଚିହ୍ନ |

| | | |
|---|---|---|
| ଗତ | : | କାଲ୍‌ହର / କାଲ୍ |
| ଏକଅଙ୍କ | : | ଗଟେ ଅଙ୍କ୍ |
| ଦୁଇ ଅଙ୍କ | : | ଦୁଇ ଅଙ୍କ୍ |
| ତିନି ଅଙ୍କ | : | ତିନିଟା ଅଙ୍କ୍ |
| ଚାରି ଅଙ୍କ | : | ଚାରି ଅଙ୍କ୍ |
| ପାଂଚ ଅଙ୍କ | : | ପାଂଚ ଅଙ୍କ୍ |
| ଛଅ ଅଙ୍କ | : | ଛଅ ଅଙ୍କ୍ |
| ସାତ ଅଙ୍କ | : | ସାତ ଅଙ୍କ୍ |
| ଏକ ଅଙ୍କ ବିଶିଷ୍ଟ | : | ଏକାଙ୍କ ବିଶିଷ୍ଟ |
| ବାଟି | : | ବାଟି |
| ତଳ ଘର ପୁରଣ କର | : | ତଳର୍ ଘରଟା ପୂରଣ୍ କର୍ |
| ଉଦାହରଣ | : | ଉଦାହରଣ୍ |
| ୮୯ | : | ଅଁଣାନବେ |

## ପାଠ-୭

## ଜାଗା ଜାଣିବା

| | | |
|---|---|---|
| କେଉଁ ରେଳ ଡବା | : | କେଁ ରେଲଡ୍‌ବା |
| ଦ୍ୱାଦଶ ଡବା | : | ବାର ନଂ ବରଡବା |
| ପଂଚଦଶ | : | ପନ୍ଦର |
| ପୂର୍ବବର୍ତୀ | : | ଆଗର୍‌ଟା |
| ବସିଥିବା | : | ବସିଥିବା |
| ମଧ୍ୟରେ | : | ମଝିରେ |
| ଏକାଦଶରୁ ବିଂଶ ପର୍ଯ୍ୟନ୍ତ | : | ଏଗାରରୁ କୋଡିଏ ଯାକେ |
| ପୁରଣବାଚକ | : | ପୂରଣ ବାଚକ |
| ସଂପର୍କରେ | : | ସଂପର୍କରେ |
| ପିଲାଙ୍କୁ ପଚାରିବେ | : | ପିଲାମାନକଇ ପଚାରିବେ |
| ପୁରଣବାଚକ ସଂଖ୍ୟା | : | ପୂରଣ ବାଚକ ସଂଖ୍ୟା |
| ଆଗପଛ ଦେଖିବା | : | ଆଗ୍‌ପଛ୍ ଦେଖିବା |
| ଆଗ ପଛ ଜାଣିବା | : | ଆଗ୍ ପଛ୍ ଜାଣିବା |
| ପଶୁ ପକ୍ଷୀ ମାନେ ସଭା କଲେ | : | ପଶୁ ଚଢଇ ମିଟିଙ୍ଗ୍ କଲେ |

| | | |
|---|---|---|
| ସେମାନଙ୍କ ମଧ୍ୟରେ ଭାଲେଣି ପଡ଼ିଲା | : | ତାଙ୍କର୍ ଭିତ୍‌ରେ ଭାଲେଣୀ ପଡିଲା |
| ମଣିଷମାନେ ଜଙ୍ଗଲ କାଟୁଛନ୍ତି କାହିଁକି | : | ଲକ୍‌ମାନେ ଜଙ୍ଗଲ୍ କାଟ୍‌ସନ୍ତ୍ କିଶ୍ କଇ |
| ଜଙ୍ଗଲ ସଫାହେଲେ ଆମେ କେଉଁଠି ରହିବା | : | ଜଙ୍ଗଲ୍ କାଟିଦେଲେ ଆମେ କେଁନ୍‌ଠି ରହିବା |
| କ'ଣ ଖାଇବା | : | କିଶ୍ ଖାବା |
| କୋକିଶିଆଲି ଉଠି କହିଲା | : | ଶିଆଲ୍ ଉଠିକରି କହିଲା |
| ପରବର୍ତି ସଂଖ୍ୟା | : | ପଛ ସଂଖ୍ୟା |
| ମଧ୍ୟବର୍ତି ସଂଖ୍ୟା | : | ମଝି ସଂଖ୍ୟା |
| ପୂର୍ବବର୍ତି ସଂଖ୍ୟା | : | ଆଗ ସଂଖ୍ୟା |
| ଯୋଗ ଓ ବିୟୋଗ ସଂଖ୍ୟା | : | ମିଶାଣ ଫେଡ଼ାଣ ସଂଖ୍ୟା |

## କେଗା ଜାଣିବା

| | | |
|---|---|---|
| ଏକାଦଶ | : | ଏକାଦଶ୍ |
| ଦ୍ୱାଦଶ | : | ଦ୍ୱାଦଶ୍ |
| ତ୍ରିୟାଦଶ | : | ତ୍ରୟଦଶ |
| ଚତୁରଦଶ | : | ଚତୁର୍‌ଦଶ |
| ପଂଚଦଶ | : | ପଂଚଦଶ |
| ଷଡ଼ଶ | : | ଷଡ଼ଶ |
| ସପ୍ତଦଶ | : | ସପ୍ତଦଶ୍ |
| ଅଷ୍ଟଦଶ | : | ଅଷ୍ଟଦଶ |
| ଉନବିଂଶ | : | ଉନବିଂଶ |
| ବିଂଶ | : | ବିଂଶ |
| ସାନ ବଡ଼ | : | ଛୋଟ ବଡ଼ |
| ବଡ଼ ଛୋଟ | : | ବଡ଼ ଛୋଟ୍ |
| ବୃହତର | : | ସବୁଠାରୁ ବଡ଼ |
| କ୍ଷୁଦ୍ରତର | : | ସବୁଠାରୁ ସାନ୍ |
| ସ୍ଥାନୀୟମାନ | : | ସ୍ଥାନୀୟ ମାନ |
| ନିର୍ଣ୍ଣୟକର | : | ନିର୍ଣ୍ଣୟ |
| ବୁହାଇଲେ | : | ବୁହାଇ ଦେଲେ |
| ମିଶାଣ | : | ମିଶାଣ୍ |

| | | |
|---|---|---|
| ସମାଧାନ କର | : | ସମାଧାନ କର |
| ଅନୁମାନ କରି ଯୋଗଫଳ କରିବା | : | ଅନମାନ୍ କରି ମିଶାଣ୍ ଫଳ କରିବା |
| ବାଦ୍ | : | ଛାଡ଼ିଦେବା |
| ମନେ ମନେ ହିସାବ କର ଓ କହ | : | ମନେ ମନେ ହିସାବ କର୍ ଓ କଉ |
| କେଉଁ କେଉଁ ସଂଖ୍ୟାକୁ ଫେଡ଼ିଲେ ଫେଡାଣ ଫଳ | : | କେଁ କେଁ ସଂଖ୍ୟାକୁ ଫେଡିନେ ଫେଡ଼ାଣ ଫଳ ୧୫ ହେବାକ୍ |

## ପାଠ-୧୦
## ଫେଡ଼ାଣ

| | | |
|---|---|---|
| ପତ୍ର ଗଣିବା | : | ପତର୍ ଗଣିବା |
| କାହାର ବେଶୀ କାହାର କାମ | : | କା'ର ଜବର କାହାର କମ |
| ସୀତା ୧୦୦ଟି ପତ୍ର ତୋଳିଲା | : | ସୀତା ୧୦୦ଟିପତର୍ ତଳିଲା |
| ଗୀତା ୬୦ଟି ପତ୍ର ତୋଳିଲା | : | ଗୀତା ୬୦ଟି ପତର୍ ତଳିଲା |
| ସୀତାର ପତ୍ର ବେଶୀ ନା ଗୀତାର ପତ୍ର | : | ସୀତାର ପତର ଜବରକି ଗୀତାର ପତର ଜବ |
| ବେଶୀ କେମିତି ଜାଣିଲ | : | କେମନ୍ତ ଜାଣିଲ |
| ଗୋଟିଏ ବଣରେ ବାଘସଂଖ୍ୟା ୫୮୫ ଓ ଭାଲୁ ୯୫୪ | : | ଗୋଟିଏ ଜଙ୍ଗଲରେ ବାଗ୍ ସଂଖ୍ୟା ୫୮୫ ଓ ଭାଲୁ ୯୫୪ |
| ଓ ହରିଣ ୫୨୮ ଓ ଠେକୁଆ ୨୮ ଥିଲେ | : | ଓ ହରିଣ ୫୨୮ ଓ ଖେଳିଆ ୨୮ ଥିଲାଇ |
| ବାଘ, ଭାଲୁ ମିଶି କେତେ ଥିଲେ | : | ବାଗ୍ ଭାଲୁ ମିଶି କେତେ ଥିଲାଇ |
| ବାଘ ଓ ଠେକୁଆ ମିଶି କେତେ ଥିଲେ | : | ବାଗ୍ ଓ ଖେଳିଆ ମିଶି କେତେ ଥିଲାଇ |

## ପାଠ-୧୧
## ଆସ ଗଣିମା

| | | |
|---|---|---|
| କ୍ରିକେଟ ଖେଳ | : | କିରକେଟ୍ ଖେଲ୍ |
| ଗୋଟିଏ ଓଭର କେତେଟି ବଲ ପଡ଼ିବ | : | ଏକ ଓଭରରେ କେତଟା ବଲ ଫିଙ୍ଗିବା |
| ରାମ ୫ ଓଭରରେ ୩୫ ରନ୍ କଲା | : | ରାମ ୫ ଓଭରରେ ୩୫ ରନ୍ କରିଲା |
| ଗୋଟିଏ ଓଭର ୬ଟି ବଲ୍ ଫିଙ୍ଗାଯାଏ | : | ଏକ ଓଭରରେ ୬ଟି ବଲ୍ ଫିଙ୍ଗା ହେଇ |

## 'ଓ' ଆସ ବାଂଟିବା 'କୁ'

| | | |
|---|---|---|
| ତୁମେ ଯେତେ ଆମେ ସେତେ | : | ତୁମେ ଯେତିକି ଆମେ ସେତିକି |
| ଆମ ପଛରେ ଆହୁରି ସେତେ | : | ଆମ ପଛରେ ଆରି ସେତିକି |
| ଆମେ ସମସ୍ତେ ଅଠର | : | ଆମେ ସବୁଯାକ ହିକରି ଅଠର |

## ସମୟ କହଇ ମୁଇଁ ଠିକ୍

| | | |
|---|---|---|
| ଘଂଟା | : | ଘଡି, ଘଂଟା |
| ହାତଘଂଟା | : | ହାତ ଘଡି |
| ଘଂଟାରେ ଏକ ଠାରୁ ବାର ପର୍ଯ୍ୟନ୍ତ | : | ଘଡିରେ ଏକ ଠାରୁ ବାଆର ଯାକେ ସଂଖ୍ୟା ଆସି |
| ଘଂଟାରେ ତିନୋଟି କଂଟା ଅଛି | : | ଘଡିରେ ତିନିଟି କଂଟା ଆସି |
| ଦିନରାତି ଚବିଶ ଘଂଟା | : | ଦିନରାତି ମିଶାନେ ଚବିଶ୍ ଘଂଟା |
| ଦିନକୁ ବାର ଘଂଟା | : | ଦିନକୁ ବାର ଘଂଟା |
| ରାତିକୁ ବାର ଘଂଟା | : | ରାତି ଯାକ ବାର ଘଂଟା |
| ଦଶ ଘଂଟା ହେଲେ ସ୍କୁଲକୁ ଯାଉ | : | ଦଶ ଘଂଟା ହେନେ ଇସ୍କୁଲ ଯାଉଁ |
| ଖରାବେଳେ ମଧ୍ୟାହ୍ନ ଭୋଜନ ହୁଏ | : | ବେଳାରେ ମଧ୍ୟାହ୍ନ ଭୋଜନ ହେଇ |
| ସନ୍ଧ୍ୟା ଚାରିଟାରେ ଛୁଟି ହୁଏ | : | ସନ୍ଧ୍ୟା ଚାରିଟାରେ ଛୁଟି ହେଇ |
| ପାହାନ୍ତିଆରେ ଉଠିବା | : | ପାହାନ୍ତାରେ ଉଠିବା |
| ରାତି ଆଠ ଘଂଟାରେ ଶୋଇବା | : | ରାତି ଆଠ ଘଂଟାରେ ଶୋଇବା |

## ପାଠ-୧୬

## ଟଙ୍କା ପଇସା ହିସାବ

| | | |
|---|---|---|
| ୧ ପଇସା | : | ଏକ୍ ପଇସା |
| ୫ ପଇସା | : | ପାଂଚ୍ ପଇସା |
| ୨୦ ପଇସା | : | କୋଡ଼ିଏ ପଇସା |
| ୨୫ ପଇସା | : | ପଚିଶ୍ ପଇସା |
| ୫୦ ପଇସା | : | ପଚାସ୍ ପଇସା |
| ୭୫ ପଇସା | : | ପଂଚସ୍ତରି ପଇସା |
| ୧ ଟଙ୍କା | : | ଏକ୍ ଟଙ୍କା |
| ୨ ଟଙ୍କା | : | ଦୁଇ ଟଙ୍କା |

| | | |
|---|---|---|
| ୫ ଟଙ୍କା | : | ପାଂଚ୍ ଟଙ୍କା |
| ୧୦ ଟଙ୍କା | : | ଦଶ୍ ଟଙ୍କା |
| ୨୦ ଟଙ୍କା | : | କୁଳିଏ ଟଙ୍କା |
| ବାଇଗଣ ୧ କେଜି ୧୦ ଟଙ୍କାରେ ମିଳେ | : | ବାଇଗଣ ୧ କିଲକୁ ୧୦ ଟଙ୍କାରେ ମିଲୁସି |
| ଟମାଟ ୧ କେଜି ୨୦ ଟଙ୍କାରେ ମିଳେ | : | ପାଚଲ ଘଣ୍ଟା ୧ କିଲୋ କୁଳିଏ ଟଙ୍କାରେ ମିଳଇ |
| ବାଇଗଣ ଓ ଟମାଟ କିଣିଲେ କେତେ ଟଙ୍କାଦେବାକୁ ପଡ଼ିବ | : | ବାଇଗଣ ଓ ପଚଲ ଘଣ୍ଟା କିଣିନେ କତେଟଙ୍କା ଦେବାକୁ ହେବାକ୍ |
| ରାମ ୧୦ ଟଙ୍କା ନେଇ ୬ ଟଙ୍କା ପେନ୍ କିଣିଲା, କେତେ ଟଙ୍କା ବଳିଲା | : | ରାମ ଦଶ ଟଙ୍କା ନେଇ ୬ ଟଙ୍କାରେ ପେନ କିଣିଲା ହେଝିନେ କେତ୍ ଟଙ୍କା ବିଳିବାକ୍ ଆରି କେତେ ଟଙ୍କା ବଳିଲା |
| କ୍ୟାଲେଣ୍ଡରରୁ ଶିଖିବା | : | କେଲେଣ୍ଡରରୁ ଜାଣିବା |
| ବର୍ଷ | : | ବର୍ଷ |
| ଜାନୁୟାରୀ ମାସ ୩୧ ଦିନ | : | ପୁଷ୍ ମାସ ୩୧ ଦିନ |
| ଫେବୃଆରୀ ମାସ ୨୮ ଦିନ | : | ମାଘ୍ ମାସଟା ୨୮ ଦିନିଆଁ |
| ମାର୍ଚ୍ଚ ମାସ ୩୧ ଦିନ | : | ଫଗୁଣ ମାସଟା ୩୧ ଦିନିଆଁ |
| ଏପ୍ରେଲ୍ ମାସ ୩୦ ଦିନ | : | ଚଇତି ମାସ୍ଟା ୩୦ ଦିନିଆଁ |
| ମଇ ମାସ ୩୧ ଦିନ | : | ବୈଶାଖ ମାସଟା ୩୧ ଦିନିଆଁ |
| ଜୁନ୍ ମାସ ୩୦ ଦିନ | : | ଜେଷ୍ଠ୍ ମାସ୍ଟା ୩୦ ଦିନିଆଁ |
| ଜୁଲାଇ ମାସ ୩୧ ଦିନ | : | ଆଷାଢ ମାସ୍ଟା ୩୧ ଦିନିଆଁ |
| ଅଗଷ୍ଟ ମାସ ୩୧ ଦିନ | : | ଶ୍ରାବଣ ମାସଟା ୩୧ ଦିନିଆଁ |
| ସେପ୍ଟେମ୍ବର ମାସ ୩୦ ଦିନ | : | ଭାଦ୍ରବ ମାସ୍ଟା ୩୦ ଦିନିଆଁ |
| ଅକ୍ଟୋବର ମାସ ୩୧ ଦିନ | : | ଆଶିନ / ଦଶରା ମାସଟା ୩୧ ଦିନିଆଁ |
| ନଭେମ୍ବର ମାସ ୩୦ ଦିନ | : | କାର୍ତିକ ମାସ୍ଟା ୩୦ ଦିନିଆଁ |
| ଡିସେମ୍ବର ମାସ ୩୧ ଦିନ | : | ମଗଶିର ମାସଟା ୩୧ ଦିନିଆଁ |

## ପାଠ-୧୩

## ମାପ

| | | |
|---|---|---|
| ଚାଖଣ୍ଡ | : | ଘଖଣ୍ଡେ |
| ଇଂଚେ | : | ଏକ୍ ଇଂଚ୍ |
| ହାତେ | : | ଏକ୍ ପାଦ୍, ହାତେ |
| ହରିର ଉଚ୍ଚତା ୪ ଫୁଟ | : | ହରି ୪ ଫୁଟ ଉଂଚା |
| ବାଡ଼ି | : | ଠେଙ୍ଗା |
| ସ୍କେଲ୍ | : | ଇସ୍‌କେଲ୍ |
| ଦାମର କୂଅ ଗଭିରତା ୨୦ ମିଟର | : | ମାପ ଫିତା ଦାମର କୁଅଟାର ଗଭିର ୨୦ ମିଟର |
| ରାମ ପାଇଁ ୧ ମିଟର କନା ଦରକାର | : | ରାମ ପାଇଁ ୧ ମିଟର କପଡ଼ା ଦରକାର |
| ଅନୁମାନିକ ମାପ | : | ଅନମାନିଆଁ ନାପ |
| ପ୍ରକୃତ ମାପ | : | ସଠିକ୍ / ଠିକ୍ ମାପ, ସଠିକ୍ ନାପ |

## ପାଠ-୧୪

| | | |
|---|---|---|
| ଓଜନ ଓ ପରିମାଣ ଜାଣିବା | : | ଓଜନ ଓ ପରିମାଣ ଜାଣିମା |
| ତେଙ୍ଗୁରା | : | ଜଣାଇବା |
| ଚାଉଳ, ଡାଲି, ଚିନି, ଗହମ, ଆଳୁ, ପିଆଜକେଜିରେ ଓଜନ କରାଯାଏ | : | ଘଉଲ୍, ଡାଲି, ଚିନି, ଗହମ, ଆଲୁ, ପିଆଜ କିଲ ପଲାରେ ନାପନ୍ତି |
| କିରାସିନି (ଲିଟରରେ ମପାଯାଏ) | : | କିରାସିନି (ପଲାରେ ମପାଯାଏ) |
| କିଲୋମିଟର | : | କିଲୋମିଟର / ମାଇଲ |
| ୧ କେଜି | : | ୧ କିଲୋ |
| ୧/୨ ଅଧାକେଜି ୫୦୦ ଗ୍ରାମ୍ | : | ୧/୨ ଅଧାକିଲେ ୫୦୦ ଗ୍ରାମ୍ |
| ୧ଲିଟର ୧୦୦୦ମି.ଲି.ଲିଟର | : | ୧ଲିଟର ୧୦୦୦ମି.ଲି.ଲିଟର |
| ୫୦୦ ମିଲିଲିଟର | : | ୧/୨ ଲିଟର |

## ତଇଥ ଜାଣିମା

ବଣରେ କେଉଁ ଜୀବମାନେ ରହନ୍ତି : ଜଙ୍ଗଲ୍‌ରେ କେଁ କେଁ ଜୀବ ମାନେ ରହନ୍ତି
କେତେ ପ୍ରକାର ବାଘ ଦେଖିଛ : କେତ୍ ପରକାର ବାଘ୍ ଦେଖିସ
କେତେ ପ୍ରକାର ପକ୍ଷୀ ଦେଖିଛ : କେତେ ପରକାର ପକ୍ଷୀ ଦେଖିସ
କେତେ ପ୍ରକାର ଫୁଲ ଦେଖିଛ : କେତେ ପରକାର ଫୁଲ୍ ଦେଖସ
କେତେ ପ୍ରକାର ଗଛ ଦେଖିଛ : କେତେ ପରକାର ଫଳ ଦେଖିସ

## ପ୍ରଥମ ପାଠ

## ଚିତ୍ରଟାକଇ ଚିହ୍ନ

ତ୍ରିଭୁଜ : ତ୍ରିଭୁଜ
ବର୍ଗକ୍ଷେତ୍ର : ବର୍ଗକ୍ଷେତ୍ର
ଆୟତକ୍ଷେତ୍ର : ଆୟତକ୍ଷେତ୍ର
ଗୋଲ : ଗୋଲ୍ ସିଧାଗାର ଟାଣିବା
ଭୂମି ଉପରେ ଠିଆ ହୋଇ ରହିବା ସିଧାଗାର : ଭୂଇଁ ଉପରେ ଠିଆ ହେଉଥିବା ସିଧା ଗାର
ଭୂମି ଉପରେ ଶୋଇଥିବା ଭଳି ସିଧାଗାର : ଭୂଇଁ ଉପରେ ଶେଶଇଥିବା ଭଳି ସିଧାଗାର୍
ଭୂମି ଉପରେ ତେରେଛା ଭାବେ ସିଧାଗାର : ଭୂଇଁଉପରେ ତେରଛା ଭାବ୍‌ରେ ସିଧାଗାର୍
ସ୍କେଲ ସାହାର୍ଯ୍ୟରେ ଗାର ଟାଣ ? : ଇସ୍କେଲ ସାହାର୍ଯ୍ୟରେ ଗାର୍ ଟାଣ
କେଉଁ କେଉଁ ଜିନିଷ ବ୍ୟବହାର କରି : କେଁ କେଉଁ ଜିନିଷ ବ୍ୟବହାର କରି ସିଧାଗାର ସିଧାଗାର ଟାଣିପାରିବ ଟାଣିପାରିବ

## ବାକ୍ୟରେ ବ୍ୟବହାର

ଗୁଜିଆ ପାହାଡ଼ ଗୋଟିଏ ତ୍ରିଭୂଜର ଉଦାହରଣ : ଗୁଜିଆ ପାହାଡ଼ ଗାଟେ ତ୍ରିଭୁଜର ଉଦାହରଣ
ରୁମାଲ ଗୋଟିଏ ବର୍ଗକ୍ଷେତ୍ରର ଉଦାହରଣ : ରୁମାଲ ଗୋଟି ବର୍ଗକ୍ଷେତ୍ରର

ଉଦାହରଣ

ଦିଆସିଲି ଗୋଟିଏ ଆୟତକ୍ଷେତ୍ରର ଉଦାହରଣ : ମାଚିସ୍ ଗୋଟିଏ ଆୟତ କ୍ଷେତ୍ରର ଉଦାହରଣ

## ପାଠ-୩

## ଗଡ଼ବା (ଘୋଷାଡିବା)

| | | |
|---|---|---|
| ୧. କଦଳୀ | : | କଦ୍‌ଳୀ |
| ୨. କ୍ରିକେଟ ବ୍ୟାଟ | : | କ୍ରିକେଟ୍ ବ୍ୟାଟ୍ |
| ୩.ବଲ | : | ବଲ୍ |
| ୪.ଚକ | : | ଚକ୍ |
| ୫.ଇଟା | : | ଇଟା |
| ୬.ରୁଲବାଡ଼ି | : | ଗୋଲବାଡ଼ି |
| ୭.କମଳା | : | କମଳା |
| ୮.ପ୍ଲେଟ | : | ପ୍ଲେଟ୍ |

## ପାଠ-୪

## ଦଳ ଦଳ କରି ଗଣିଆଁ

| | | |
|---|---|---|
| ଗାଁ ହାଟରେ ବିକ୍ରି କରିବା ଜିନିଷ | : | ଗାଁ ବଜାରରେ ଜିନିଷ ବିକିବା |
| ୧.ଲେମ୍ବୁ | : | ଲେବୁ |
| ୨.ନଡ଼ିଆ | : | ଲଡ଼ିଆ |
| ୩.କଦଳୀ | : | କଦଳୀ |
| ୪.୧ ପୁଞ୍ଜା | : | ମୁଠେ |
| ୫.୧ ଯୋଡ଼ା | : | ଯୋଡ଼ିଏ |

## ପାଠ-୫

## ସାନ ବଡ଼ ସଂଖ୍ୟା ଚିହ୍ନିବା

| | | |
|---|---|---|
| ୧/ ୫ ଟଙ୍କା ଓ ୨ ଟଙ୍କା ମଧ୍ୟରେ କାହାର ବେଶୀ | : | ୫ ଟଙ୍କା ହେଲା ୨ ଟଙ୍କା ଭିତରେ କାହାର ଦାମ୍ ବେଶୀ |
| ୨/ ଧାଡି ହୋଇ ଠିଆ ହୁଅ ଓ ୧ ଠାରୁ ୧୦ ପର୍ଯ୍ୟନ୍ତ | : | ଧାଡ଼ିରେ ଠିଆ ହେନେ ୧ ରୁ ୧୦ |

ଗଣର ଧାଡ଼ିନା ନିଗାଂହୁ ୧ ଠାରୁ ୧୦ ପର୍ଯ୍ୟନ୍ତ ଗଣିକିମୁ  ଯାକେ ଗଣିମ୍ଵା

୩/ କିଏ ଆଗରେ ପହଂଚିବ : ଆଗରେ କିଏ ପହଁଚିବାକ୍

୪/ ତୁମ ବିଦ୍ୟାଳୟର ପାହଚ ଗଣ, ମିସ୍କୁଲତା : ଇସ୍କୁଲର ପାହାଚକା ଗଣ
ପାହାଚି ଗଣି କିମ୍ବୁ ବାକ୍ୟରେ ବ୍ୟବହାରକର

୫/ କେଉଁ ଜିନିଷ ଘୋଷାଡ଼ି ନେଇପାରିବା ତାହା ଲେଖ : କେଁକାକଇ ଘୋଷରାଇ ପାରିବ ?

୬/ ଇଟା, କ୍ରିକେଟ ବ୍ୟାଟ, ପ୍ଲେଟ୍ : ଇଟା, ବ୍ୟାଙ୍କ୍, ପ୍ଲେଟ

୭/ ଗୋଟିଏ ପୁଞ୍ଜା କହିଲେ କେତୋଟି ? : ଗୋଟେ ପୁଂଜା ହେନେ କେତଟ୍ଟା

୮/ ଗୋଟିଏ ପୁଞ୍ଜା ଇଟେଏଁ ୪ ଟା : ୧ ପୁଞ୍ଜା ହେନେ ୪ଟା

## ପାଠ-୬

## ମିଶାଣ୍ କରିବା

୧.ରାମ ଧରିବା ଫୁଲ ଗୁଡ଼ିକ ସଂଖ୍ୟା କେତେ : ରାମ କେତେ ଫୁଲ ଧେରସି

୨.ଶ୍ୟାମ ଧରିଥିବା ଫୁଲ ଗୁଡ଼ିକ ସଂଖ୍ୟା କେତେ : ଶ୍ୟାମ କେତେ ଫୁଲ୍ ଧେରିସି

୩. କିଏ ଅଧିକ କିଏ କମ ଧରିଛି କହ : କିଏ ଜୋର୍ ଆଉ କିଏ କମ୍ ଧରିଛି କଉସି

୪.୫ଟି ଛେଳି ଓ ୬ଟି ଛେଳି ମିଶି କେତେ ହବ ?: ୫ଟି ଛେଳି ହେଲଶ ୬ଟା ଛେଳି ମିଶିନେ କେତେ

୫.ବସ୍‌ରେ ୫୫ ଜଣ ଲୋକଯାପାରିବେ : ବସ୍‌କେ ଦୁଇକଳି ପନ୍ଦରଜଣ ଲକ ଯିବାର

୬.ସାର୍ଟ ଓ ପ୍ୟାଂଟ ମିଶାଇ କିଣିଲେ କେତେ : ସାର୍ଟ ହେଲ ପେଂଟ ମିଶାଇ କରି କିଣିନେ
ଟଙ୍କା ହେବ  କେତେ ହେବାକ୍

୭.ଛତା ଓ ବ୍ୟାନର ଦାମ କେତେ ହେବ : ଛତା ଓ ବ୍ୟାନର୍ ରେଟ୍ କେତେ

୮.ଗୋଟିଏ ପେନର ଦାମ କେତେ : ଗୋଟେ ଡଟ୍‌ର ରେଟ୍ କେତେ

୯.ଗୋଟିଏ ପେନସିଲ ଦାମ କେତେ : ଗଟେ ପେନ୍‌ସିଲିର ରେଟ୍ କେତେ ?

୧୦.ପେନ ଓ ପେନସିଲର ମୂଲ୍ୟ କେତେ ? : ଡଟ୍ ହେଲା ପେନ୍‌ସିଲର ରେଟ୍ କେତେ ?

## ପାଠ-୭

## ଫେଡାଣ କରିବା ପ୍ରଶ୍ନ

୧.୫ ରୁ ୩ ଗଲେ କେତେ : ୫ ର ୩ ଗନେ କେତେ
୨.୧୦ ରୁ ୩ ଗଲେ କେତେ : ୧୦ ରୁ ୩ ଗନେ କେତେ
୩.୮୦ ରୁ ୨୦ ଗଲେ କେତେ : ଅଶୀରୁ କୋଡ଼ିଏ ଗନେ କେତେ

## (+)ମିଶାଣ

ଗୋଟିଏ ଛେଳିର ଦାମ ୫୦୦ ଟଙ୍କା ହେଲେ : ଗଟେ ଛେଳିର ଦାମ୍ ୫୦୦ ଟଙ୍କା ହେନେ

୨ଟି ଛେଳିର ଦାମ୍ କେତେ  ୨ଟା ଛେଳିର ରେଟ୍ କେତେ ?

## (-) ଫେଡ଼ାଣ /ପ୍ରଶ୍ନ

୫ ରୁ ୩ ଗଲେ (କେତେ ) : ୫ ରୁ ୩ ଗନେ କେତେ ?

## ପାଠ-୮

## ଶୂନ ମିଶବା ହେଲା ଫେଡ଼ିଆ

(କ)୫ରେ + ୦ ମିଶାଇଲେକେତେ : ୫୦ ରେ + ୦ ମିଶାନେ କେତେ
(ଖ)୧୦ରୁ ୫ ଗଲେ କେତେ ? : ୧୦ରୁ ୫ ଗନେ କେତେ
(ଗ)୩୦ ଟଙ୍କା + ୨୦ ଟଙ୍କା କେତେ: ୩୦ ଟଙ୍କା + ୨୦ ଟଙ୍କା କେତେ

## ପାଠ-୯

## ମିଶ୍ବା ବଦଳରେ ଗୁଣମା

(କ)ଗୋଟିଏ ଫୁଲ ପେନ୍ତାରେ କେତଟି ଫୁଲ ଅଛି : ଗଟେ ଫୁଲ୍ ନେନ୍ଥାରେ କେତଟା ଫୁଲ ଆସି

(ଖ)ସେହିପରି ୫ ଟି ଫୁଲ ମାଳରେ କେତଟି ଫୁଲଥିବ : ସିମିତିର ୫ଟା ଫୁଲ୍ ମାଳକେ କେତେଟ ଫୁଲ ଥିଆକ୍ / ଥିବାକ୍

(ଗ)ଧାଡ଼ି ଧାଡ଼ି ଗଣ : ଧାଳି ଧାଳି ଗଣ୍

(ଘ)ଗୋଟିଏ ଚାବି ପେନ୍ତାରେ କେତଟି ଚାବି ଅଛି : ଗଟେ ଋବି ପେନ୍ଥାକେ କେତେଟା ଋବି ଆସି

| | | |
|---|---|---|
| (ଡ)୫ ଟି ଚାବି ପେନ୍ତାରେ କେତଟି ଚାବି ଅଛି | : | ୫ଟା ଋବି ପେନ୍ଥାକେ କେତଟା ଋବି ଆସି |
| (ଚ)ଦୁଇଟି ହାତର ଆଙ୍ଗୁଠି କେତେ | : | ଦୁଇଟା ହାତକେ ଆଙ୍ଗୁଟି କେତେ |

## ବାକ୍ୟରେ ବ୍ୟବହାର କର

| | | |
|---|---|---|
| ୫ରେ ୦ (ଶୂନ) ମିଶିଲେ କେତେ | : | ୫ ରେ ୦ ମିଶିନେ କେତେ |
| ୩୦ ଟଙ୍କା + ୨୦ ଟଙ୍କା = ୫୦ ଟଙ୍କା | : | ୩୦ ଟଙ୍କା + ୨୦ ଟଙ୍କା = ୫୦ ଟଙ୍କା |
| ୫୦ (ରି କୋଡ ଦଶ ଟଙ୍କା) | | ୫୦= ଦିକୁଲି ଦଶଟଙ୍କା |

## ପାଠ-୧୦

## ସମାନ ଭାଗରେ ବାଂଟିବା

| | | |
|---|---|---|
| ୧.୧୦ଟି ଆମ୍ବ ୫ ଜଣ ବାଂଟି ଖାଇଲେ | : | ୧୦ଟା ଆମ୍ବୁ ୫ଜଣ ବାଂଟି ଖାଲାଇ |
| ୨.୨୦ଟି କମଳା ୪ ଜଣକୁ କେତେଟି କମଳା ପଡିବ | : | ୨୦ଟା କମଳା ୪ ଝଣକୁ କେତେଟା କମଳା ପଡିଆକ୍ |
| ୩.୮୦ଟି କଦଳୀ ୧୦ ଜଣ ପିଲା କେତଟି କଦଳୀ ଖାଇବେ | : | ୮୦ଟା କଦଅଲ୍ୀ ୧୦ ଝଣ ପିଲା କେତେଟା କଦଳୀ ଖାବାଇ |
| ୪.୫ଟି ଶୁଆରେ ଗୋଟିଏ ଦଳ ସେହିପରି ୮ଟି ଦଳରେ କେତେ ରହିବେ ? | : | ୫ଟା ଶୁଆରେ ଗଟେ ଦଳ ସିମିତି ୮ଟା ଦଳରେ କେତେ ରହିବାଇ ? |

## ପାଠ-୧୧

## ଟଙ୍କା ପଇସା ଦିଆନିଆ କରିବା

| | | |
|---|---|---|
| ୧ ଟଙ୍କା | : | ୧ ଟଙ୍କା |
| ୨ ଟଙ୍କା | : | ୨ ଟଙ୍କା |
| ୫ ଟଙ୍କା | : | ପାଂଚ ଟଙ୍କା |

| | | |
|---|---|---|
| ୧୦ ଟଙ୍କା | : | ୧୦ ଟଙ୍କା (ଦି ପାଞ୍ଚ ଟଙ୍କା) |
| ୨୦ ଟଙ୍କା | : | ୨୦ ଟଙ୍କା(କୋଲିଏ ଟଙ୍କା) |
| ୫୦ ଟଙ୍କା | : | ୫୦ ଟଙ୍କା(ଦିକୁଲି ଦଶ ଟଙ୍କା) |
| ୧୦୦ ଟଙ୍କା | : | ୧୦୦ ଟଙ୍କା(ପାଞ୍ଚ କୁଲି ଟଙ୍କା) |
| ୧୦୦୦ ଏକ ହଜାର | : | ହଜାରେ ଟଙ୍କା |
| ୫୦୦୦ ପାଂଚ ହଜାର | : | ପାଂଚ ହଜାର |
| ୧୦,୦୦୦ ଦଶ ହଜାର | : | ଦଶ ହଜାର |

## ବାକ୍ୟରେ ବ୍ୟବହାର

| | | |
|---|---|---|
| ୧.୧୦ଟି ଆମ୍ବକୁ ୫ ଜଣ ପିଲାଙ୍କ ମଧ୍ୟରେ ୧ ଜଣକୁ କେତୋଟି ଆମ୍ବ ପାଇବ | : | ୧୦ ଟା ଆମ୍ ୫ ଜଣ ବାଂଟିନେ କେତେଟା ଲେଖା ପାଇବା |
| ୨.ଗୋଟିଏ ଗାଇର ଦାମ = ୧୦୦୦ ଟଙ୍କା, ହେଲେ ୨ଟି ଗାଇର ଦାମ କେତେ ? | : | ଗଟେ ଗାଇର ଦାମ୍ ୧୦୦୦ ଟଙ୍କା ହେନେ ୨ଟା ଗାଇର ଦାମ୍ ୨୦୦୦ଟଙ୍କା |

## ପାଠ-୧୨

## ନମାଁ କେତେ ଜାଣିଆଁ

ଲମ୍ବା ଏଚକା ପୁନାଇ

| | | |
|---|---|---|
| ତୁମେ କେତେ ଲମ୍ବା ଅଛ | : | ତମେ କେତେ ନମା ଆଛ |
| ଟେବୁଲର ଲମ୍ବା କେତେ | : | ଟେବୁଲର ନମା କେତେ |
| ପେନ୍‌ର ଲମ୍ବା କେତେ ? | : | ପେନ୍‌ରେ ନମା କେତେ |
| କବାଟର ଲମ୍ବା କେତେ | : | ଦୁଗାଲି‌ର ନମା କେତେ |
| ଶ୍ରେଣୀ କୋଠରୀର ଲମ୍ବା କେତେ | : | ଶ୍ରେଣୀ ଘରର୍ ନମା କେତେ |

## ପାଠ-୧୩

## ଓଜନ୍ ହେଲା ଉଲାସ୍ ଜାଣିଆଁ

| | | |
|---|---|---|
| ନିକିତି | : | ବିଷାଡ଼ାଙ୍ଗ |
| ହାତୀ | : | ହାତୀ |
| ବିଲେଇ | : | ବିଲାଇ |
| ମିନୁ | : | ମିନୁ |

| | |
|---|---|
| ତୁମେ ଚାଉଳ ବସ୍ତା ନେଇପାରିବ କି ? | : ତୁମେ ଗଉଳ ବସ୍ତା ନି ପାରିବ କି |
| ତୁମେ ଲୁଣ ପ୍ୟାକେଟ ଉଠାଇ ପାରିବ କି ? | : ତମେ ନୁଣ୍ ପକେଟ୍ ଉଠାଇ ପାଗିବ କି ? |
| ବିଲେଇ ବଡ଼ ନା ହାତୀ ବଡ଼ | : ବିଲାଇ ବଡ଼ କି ହାତୀଟା ବଡ଼ |
| ମାଛ ବଡ଼ନା ବେଙ୍ଗ ବଡ଼ | : ମାଛ୍ ବଡ଼୍ ନା ବେଙ୍ଗ୍ଟା ବଡ଼୍ |

## ବାକ୍ୟରେ ବ୍ୟବହାର

| | |
|---|---|
| ନିକିତି ଦ୍ୱାରା ଗଉଳ ଓଜନ କରାଯାଏ | : କିଲପଲା ଦ୍ୱାରା ଗଉଲ୍ ଓଜନ୍ କରାଯାଏ |
| ମାଛ ନିକିତି ଦ୍ୱାରା ଓଜନ କରାଯାଏ | : ମାଛ କିଲପଲା ଦ୍ୱାରା ଓଜନ କରାଯାଏ |

## ପାଠ-୧୪

## ଗିଲାସ ନିକରିପାଣି ନାପିଆ

| | |
|---|---|
| ବାଲଟି | : ବାଲଟି |
| ମଗ | : ମଗ୍ |
| ଗ୍ଲାସ | : ଗିଲାସ୍ |
| ବୋତଲ | : ବୋତଲ୍ |
| କେଉଁଥିରେ ଖୁବ୍ କମ୍ ପାଣି ଧରିବ ? | : କେଁ ଟାରେ ବଢେ ଅଳପ ପାଣି ଧେରିଆକ୍ |
| ବାଲ୍ଟିରେ ଅଧିକ ପାଣି ଧରିବ ନା ବୋତଲରେ | : ବାଲ୍ଟିକେ ଢୋର ପାଣି ଧରିଆକ୍ ନା ବୋତଲ କେ |

## ପାଠ-୧୫

## ବାର ମାସିର ନାଁ ଜାଣିଆଁ

| | |
|---|---|
| ବର୍ଷ | : ବରଷ୍ |
| ମାସ | : ମାସ୍ |
| ବୈଶାକ | : ବୈଶାଗ୍ |
| ଜ୍ୟେଷ୍ଠ ମାସ | : ଜେଠ ମାସ୍ |
| ଆଷାଢ଼ | : ଆଶାଲ୍ |
| ଶ୍ରାବଣ | : ଶ୍ରାବଣ |

1126

| | | |
|---|---|---|
| ତୋ ସାର୍ଟରେ ଫୁଲଫୁଲ ଚିତ୍ର ଲାଗିଛି | : | ତୋ ସାର୍ଟରେ ଫୁଲଫୁଟା ଚିତ୍ର ଲାଗିସି |
| କିଏ ଝୋଟି କରି ପାରିବ | : | କିଏ ଝୋଟି କରି ପାରିଆକ୍ |

## ତୃତୀୟ ଶ୍ରେଣୀ

## ଜଣା ଅଜଣା

| | | |
|---|---|---|
| ଘର ଭିତରେ କାମ | : | ଘର ଭିତ୍‌ରେ କାମ୍ |
| ସମସ୍ତେ ମିଶି ପ୍ରାର୍ଥନା କରିବା | : | ସବୁଯାକ ମିଶିକରି ପ୍ରାର୍ଥନା କରିବା |
| ସମସ୍ତେ ମିଶି ଖାଇବା | : | ସମସ୍ତେ ମିଶିକରି ଖାଇବା |
| ମିଳିମିଶି ଖେଳିବା | : | ମିଶିକରି ଖୋଳିଆ/ଖେଳିବା |
| ଧାଡ଼ିବାନ୍ଧି କେଇି ଚଉଳ ମାଗିବା | : | ଧାଡ଼ିହି କରି କେଜି ଚଉଳ ମାଗିବା |
| ଧାଡ଼ିବାନ୍ଧି ଡାକ୍ତରଙ୍କୁ ସାକ୍ଷତ କରିବା | : | ଧାଡ଼ିହି କରି ଡାକ୍ତର କି ଦେଖା କରିବା |

## ଘର ବାହାର କାମ୍

| | | |
|---|---|---|
| ଧାଡ଼ି ବାନ୍ଧି ନଳକୂପରୁ ପାଣି ଆଣିବା | : | ଧାଡ଼ି ହି କରି ନଳକୁଉରୁ ପାଣି ଆଣିବା |
| ଧାଡ଼ି ବାନ୍ଧି ବସ୍‌ରେ ଚଢ଼ିବା | : | ଧାଡ଼ି ହି କରି ବସ୍‌ରେ ଉଠିବା |
| ରାସ୍ତାରେ ନିୟମ ମାନି ଚଳିବା | : | ବାଟ୍‌ରେ ନିୟମ୍ ମାନି କରି ଚଲିବା |

## ଶୃଙ୍ଖଳିତ ବ୍ୟବହାର

| | | |
|---|---|---|
| ପିତା ମାତାଙ୍କୁ ନମସ୍କାର କରିବା | : | ବୁଆ ମାଁଙ୍କୁ ଜୁହାର୍ କରିବା |
| ଭାଇ ଭଉଣୀଙ୍କୁ ସ୍ନେହ କରିବା | : | ଭାଇ ଭଉଣୀଙ୍କୁ ଶରଧା କରିବା |
| ଗୁରୁଜନଙ୍କ କଥା ମାନିଚଳିବା | : | ବଡ଼ ମାନ୍‌ଙ୍କର କଥା ମାନି ଚଲିବା |
| ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା | : | ଇସ୍କୁଲ୍‌କୁ ଠିକ୍ ସମୟରେ ଆସିବା |
| ଖାଇବା ପୂର୍ବରୁ ହାତ ଧୋଇବା | : | ଖାବାର ଆଗରୁଁ ହାତ ପଇବା |
| ରାସ୍ତା ମଝିରେ ଚାଲିବା | : | ରାସ୍ତା ମଝିକେ ନା ଚାଲିବା |
| ବଡ଼ ଲୋକଙ୍କୁ ଯୁକ୍ତି ତର୍କ କରିବା | : | ବଡ଼ ମାନଙ୍କୁ ଯକ୍ତିତର୍କ ନା କରିବା |
| ଚାଲିବା ଶଗଡ଼ରେ ହାତ ମାରିବା | : | ଚାଲ୍‌ବା ଶଗଡ଼୍‌ରେ ହାତ୍ ନା ମାରିବା/ମାରିଆ |

ଭାଇ ଭଉଣୀଙ୍କୁ ମାରପିଟା କରିବା : ଭାଇ ଭଉଣୀଙ୍କୁ ନା ପିଟିବା/ପିଟିବା

ଶ୍ରେଣୀରେ ଶିକ୍ଷକ ପଢଉଥିଲା ବେଳେଗପ କରିବା: ଶ୍ରେଣୀରେ ସାର୍ ପଢ଼ାଇଥିବାବେଳେ କଥା ନାହେବା

## ଇସ୍କୁଲ୍‌ର ନିୟମାଁ ଏକାଠି କର୍

ବିଦ୍ୟାଳୟକୁ ଠିକ୍ ସମୟରେ ଆସିବା : ଇସ୍କୁଲ୍‌କି ଠିକ୍ ସମୟରେ ଆସିବା

ଗୁରୁଜନଙ୍କୁ ନମସ୍କାର କରିବା : ବଡ଼ ମାନଙ୍କୁ ଜୁହାର କରିବାଆ

ମନ ଦେଇ ପାଠ ପଢିବା : ମନ୍ ଦେଇକରି ପାଠ୍ ପଢ଼୍‌ବାଆ

ଶିକ୍ଷକଙ୍କ ଅନୁପସ୍ଥିତିରେ ପାଟିତୁଣ୍ଡ କରିବାନାହିଁ : ମାଷ୍ଟର ନାଇଁଥିବା ବେଳେ ପାଟିତୁଣ୍ଡ୍ ନା କରିବାଆ

ସକାଳୁ ଉଠି ମୁହଁ ଧୋଇବା : ସକାଳୁ ଉଠି ମୁହୁଁ ମୁନ୍ଧିବା

## ରାସ୍ତାର ସଙ୍କେତ / ବାଟର ଚିହ୍ନ

ନାଲିବତି ଜଳିଲେ ଗାଡ଼ି ରହିବ : ନାଲ୍‌ବତି ଜଳିଲେ ଗାଡ଼ି ରହିଯାକ୍

ହଳଦିଆ ବତି ଜଳିଲେ ଯିବାପାଇଁ ପ୍ରସ୍ତୁତ ହୁଏ : ହଳଦିଆ ବତୀ ଜଳିଲେ ଯିବାକଇ ପ୍ରସ୍ତୁତ୍ ହୁଏ

ସବୁଜ ବତୀ ଜଳିଲେ ନିରାପଦରେ ଯାଇପାର : ସାଗୁଆ ବତୀ ଜଳିଲେ ନିରାପଦରେ ଦିଆକ୍

## କେଁଣ୍ଟି କିସ୍ ହେଇ

ବିଦ୍ୟାଳୟ ପାଠ ପଢାହୁଏ : ଇସ୍କୁଲ୍‌ରେ ପାଠ୍ ପଢ଼ା ହେଇ୍

ଡାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ : ଡ଼ାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଇ

ବ୍ୟାଙ୍କରେ ଟଙ୍କା ଜମା କରାଯାଏ : ବ୍ୟାଙ୍କ୍‌ରେ ଟଙ୍କା ଜମା କରାଯାୟୀ

ପୋଲିସ ଥାନାରେ ଅପରାଧିଙ୍କୁ ବନ୍ଦି କରାଯାଏ : ପୋଲିସ୍ ଥାନାରେ ଦୋଷିଙ୍କୁ ବନ୍ଦି କରଇ

ଡାକ ଘରେ ଚିଠି ପକାଯାଏ : ଡାକଘରେ ଚିଠି ପକାଯାୟ

ଚିଠି ପତ୍ର : ଚିଠି ପତର୍

ପାର୍ସଲ : ପାର୍ସଲ୍

129

## ୪ର୍ଥ ପାଠ

## ମାନଚିତ୍ର ଆଙ୍କିଆ

| | | |
|---|---|---|
| ଝରକା | : | ଝର୍‌କା |
| କଳାପଟା | : | କଲାପଟା |
| ପୂର୍ବଦିଗ | : | ପୁରୁବ୍‌ଦିଗ |
| ପଶ୍ଚିମ ଦିଗ | : | ପଶ୍ଚିମ୍ ଦିଗ୍ |
| ଦେଶନାମ | : | ଦେଶରନାମ୍ |

## ପଂଚମ ପାଠ

| | | |
|---|---|---|
| ପୁରାତନରୁ ନୂତନ | : | ପୁରୁଣାଁ ରୁ ନୂଆଁ |
| ଆଦିମ ମଣିଷ | : | ଆଗର୍‌ଲୁକ୍ |
| ଆଜିର ମଣିଷ | : | ଆଜିର୍ ଲୁକ୍ |
| ବାସଗୃହ | : | ରହିବାଘର୍ |
| ଶାଢୀ | : | ଶାଲି୍ |
| ଖାଦ୍ୟ | : | ଖାଦ୍ୟ |
| ବିଜୁଳି | : | ବିଜୁଳି,ଏଲ୍‌କେଟ୍ରି |
| ଆମ ଘରେ ଦୁଇଟି ଝରକା ଅଛି | : | ଆମର୍ ଘରେ ଦୁଇଟା ଝର୍‌କା ଆସି |
| କଳାପଟାରେ ଲେଖାଯାଏ | : | କଳାପଟାରେ ଲେଖା ହେଇ୍ |
| ପୂର୍ବ ଦିଗରେ ଉଦୟ ହୁଅନ୍ତି | : | ପୁରୁବ୍ ଦିଗରେ ଉଦୟ ହେଇ୍ |
| ଆମ ଦେଶର ନାମ ଭାରତ୍ | : | ଆମ ଦେଶର୍ ନାଁ ଭାରତ୍ |
| ଆଗ ଲୋକମାନେ ବଣରେ ରହୁଥିଲେ | : | ଆଗ ଲୋକ୍‌ଲା ବଣରେ ରହଁନ୍ତି |
| ଆଜିକାଲି ଲୋକମାନେ ବଣରେ ରହନ୍ତି ନାହିଁ | : | ଆଜିକାଲି ଲୁକ୍‌ଲା ବଣରେ ନାଁ ରହଁନ୍ତି |
| ବିଜୁଳି ସାହାର୍ଯ୍ୟରେ ଧାନକଳ ଚଲେ | : | ବିଜୁଳି ସାହାର୍ଯ୍ୟରେ ଧାନକଳ ଚଲୟୀ |
| ସୁଷମ ଖାଦ୍ୟ ଖାଇବା | : | ସୁଷମ୍ ଖାଦ୍ୟ ଖାବା |
| ବଣ ଦେଖିବାକୁ ସୁନ୍ଦର | : | ବଣ୍ ଦେଖିବାକୁ ସୁନ୍ଦର୍ |
| ବାପା, ମାଙ୍କୁ ନମସ୍କାର କରିବ | : | ବାପା, ମାଙ୍କୁ ଜୁହାର କର୍‌ବ |
| ମୋତେ ଭାରି ଭୋକ ହେଉଛି | : | ମକଇ ଜୋର୍‌ରେ ଭୋକ୍ କର୍‌ସି |
| ବଡ଼ ଲୋକଙ୍କୁ ଜୁହାର ହେବେ | : | ବଡ୍ ଲୋକ୍ ମାନଙ୍କୁ ଜୁହାର କରିବା |

# ଷଷ୍ଠ ପାଠ
## ମୁଖ୍ୟ ପରିବାର (ନିଜ କୁଟୁମ୍ବ)

| | | |
|---|---|---|
| ବାଘ | : | ବାଘ୍ |
| ବଣ | : | ବଣ୍ |
| ପରିବାର | : | କୁଟୁମ୍ |
| ଖାଦ୍ୟର ଅଭାବ | : | ଖାଇବାର୍ ଅଭାବ୍ |
| ହାଟ | : | ହାଟ୍ |
| ବାପା | : | ବୁଆ |
| ମାଆ | : | ମାଁ |
| ଭୋକ | : | ଭୋକ୍ |
| ଟଂଟି | : | ଟଂଟି |

## ଆମରି ଗୁରୁଜନ

| | | |
|---|---|---|
| ପସନ୍ଦ କାମ | : | ପସନ୍ଦ କାମ୍ |
| ପସନ୍ଦ ନୁହେଁ କାମ | : | ଅପସନ୍ଦ କାମ୍ |
| ନମସ୍କାର | : | ଜୁହାର |
| ସମ୍ମାନ | : | ସମ୍ମାନ୍ |
| ବୟସ୍କଲୋକ | : | ବୁଢ୍ଡାଲୋକ୍ |

## ଆଖିଖୋଲିଲା

| | | |
|---|---|---|
| ପୁଅ | : | ପୁଅ |
| ଝିଅ | : | ଝି |
| ଅଂଟା | : | ଅଂଟା |
| ଟ୍ରାକ୍ଟରରେ | : | ଟ୍ରାକ୍ଟରରେ |
| ରୋଷେଇ | : | ରନ୍ଧା |
| ବାସନ | : | ବାସନ୍ |
| ବାର୍ଷିକ ଉତ୍ସବ | : | ବରଷ୍କର ଉତ୍ସବ, ପରବ |

132

No Print

133

| | | |
|---|---|---|
| ବରଗଛ ଗାଁ ମୁଣ୍ଡରେ ଅଛି | : | ବଡ଼ ଗଛ୍‌ଟା ଗାଁ ମୁଣ୍ଡ୍‌ରେ ଆସି |
| ଇଟାରେ ଘର ତିଆରି ହୁଏ | : | ଇଟାକେ ଘର୍ ତିଆରି ହେଇ୍ |
| ମାଙ୍କଡ଼ ଗଛରେ ରହେ | : | ମାଙ୍କଲ ଗସରେ ରହୟ |
| ଝିଟିପିଟି କାନ୍ଥରେ ରହେ | : | ଝିଟିପିଟି କାନ୍ଥକେ ରହଇ |
| ଗଛର ପତ୍ର | : | ଗଛ୍ ପତର |
| ଗଛରେ ଫଳ ଫଳିଛି | : | ଗଛ୍‌କେ ଫଲ ଫଲିସି |
| ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ହୁଏ | : | ପୁରୁବ ଦିଗ୍‌ରେ ବେଲ୍‌ଟା ବାହାରଇ |
| ଆମ ଦେଶର ନାମ ଭାରତ | : | ଆମ ଦେଶଟାର ନାଉଁ ଭାରତ୍ |
| ଖାଦ୍ୟ ଭିତରେ ପ୍ରଧାନ ଅଟେ ଭାତ | : | ଖାଦ୍ୟ ଭିତରେ ଭାତ୍‌ଟା ପ୍ରଧାନ୍ |

## ପଶୁ ପକ୍ଷୀର୍ ଖାଇବ୍ କିନିଷ

| | | |
|---|---|---|
| ବାଘ | : | ବାଘ୍ |
| ବାହାଘର | : | ବାହାଘର୍ |
| ପଶୁପକ୍ଷୀ | : | ପଶୁପକ୍ଷୀ |
| ଭାଲୁ | : | ଭାଲୁ |
| ବିଲୁଆ | : | ବିଲୁଆ |
| ହାତୀ | : | ହାତୀ |
| ରାଇଜରେ | : | ରାଇଜ୍‌ରେ |
| ମାଂସ | : | ମାଉଁସ୍ |
| ମିଳିମିଶି | : | ମେଳା ମେଶା |
| ସମସ୍ତେ | : | ସବିଏଁ |
| ଗାଈ | : | ଗାଈ |
| କୁକୁର | : | କୁକର |
| ବିଲେଇ | : | ବିଲାଇ |
| ପାରା | : | ପାରା |
| ଶୁଆ | : | ଶୁଆ |
| ଘାସ | : | ଘାସ୍ |
| କୁଣ୍ଡା | : | କୁଣ୍ଡା |
| ପାଳ | : | ପାଆଲ |
| ତୋରାଣୀ | : | ଭାତ୍ ପାଣି |

## ବ୍ୟବହାର

| | | |
|---|---|---|
| ବାଘ ବଣରେ ରହେ | : | ବାଘ୍‌ଟା ଝାଲ୍‌ରେ ରହଇ |
| ଆଜି ଆମ ଗାଁରେ ବିବାହ ହେବ | : | ଆଜ୍ ଆମର ଗାଁରେ ବାହାଗର ହେବାକ୍ |
| ବିଲେଇ ମାଛ ଖାଏ | : | ବିଲାଇଟା ମାସ୍ ଖାଆଇ |
| କୁକୁର ଭୋଭୋ କରିବ | : | କୁକର୍‌ଟା ଭୁକ୍‌ଭୁକ୍ କରିଆକ୍ |
| ସମସ୍ତେ ମିଳିମିଶି ଖେଳିବା | : | ସଭିଏଁ ମେଳିମିଶି ଗଦା ହୋଇ ଖେଳିବା |
| ଆଜି ଭୋଜିରେ ମାଂସ ହେବ | : | ଆଜି ଭୋଜିରେ ମାଉସ୍ ହା ଆକ୍ |

## ପପୁ ସପନେ ଶିଖଲ

| | | |
|---|---|---|
| ସ୍ୱପ୍ନରେ | : | ସପନ୍‌ରେ |
| ଆଖି | : | ଆଁଖି |
| ନାକ | : | ନାଁକେ |
| କାନ | : | କାଁନେ |
| ପାଟି | : | ଟୁଣ୍ଡ୍ |
| ପାଲ୍‌କା | : | ଦାଁନ୍ତେ |
| ଜିଭ | : | ଜିଭ୍ |
| ହାତ | : | ହାତ୍ |
| ଥଣ୍ଡାପାଣି | : | ହେମାଳ ପାଁଣି |
| ସଫାକର | : | ସଫାକର୍ |
| ଉଜ୍ଜଳ | : | ଉଜଳ୍ |
| ଗୀତ | : | ଗୀତ୍ |
| କଂଟା | : | କଣ୍ଟା |
| ପାଚେ | : | ପାଚଇ |
| ଶିଘଶଂଣି | : | ଶିଘାଂଣିଁ |
| ମୁଣ୍ଡ | : | ମୁଣ୍ଡ୍ |
| ଘା | : | ଘା |
| ଆଙ୍ଗୁଠି | : | ଆଙ୍ଗୁଠି |
| ନଖ | : | ନଁଖ୍ |
| ଯତ୍ନ | : | ଯତନ୍ |
| ମୂଳରେ | : | ମୂଳ୍‌କେ |

No Point

137

| | | |
|---|---|---|
| ହଂସ | : | ହଂସ୍ |
| ଗେଣ୍ଡା | : | ଗେଁଣ୍ଡା |
| ହରିଣ | : | ହରିଣ୍ |
| କୁତ୍ରା | : | କଟାରି |
| କୂଅ | : | କୁଉ |
| ରାନ୍ଧିବା | : | ରାନ୍ଧିୟାକ୍ |
| ସମୁଦ୍ର | : | ସମୁଦର୍ |
| ପୋଖରୀ | : | ପଙ୍ଗର୍ |
| ଝରଣା | : | ଝରଣା |
| ମେଘ | : | ମେଘ୍ |

## ପାଆଁଣି ମଇଲା ହୁଏ କଇ

| | | |
|---|---|---|
| ଲୁଗା ସଫା କରିବା | : | ଲୁଗାସଫା କରିବା |
| ମଇଁଷିଙ୍କୁ ସଫା କରିବା | : | ମଇଁଷ୍କୁଗାଧୁଆବା |
| ପୋଖରୀ ହୁଡ଼ାରେ ଝାଡ଼ା ଫେରିଲେ | : | କଟା ହଡ଼ାରେ ଝାଡ଼ା ବସିବା |
| ଲୁଗା ସଫା କଲେ | : | ଲୁଗା ସଫା କଲେ |
| ପୋଖରୀ ହୁଡ଼ାକେ ଗଛଥିଲେ | : | ପୋଖରୀ ହୁଡ଼ାକେ ଗସ୍ ଥ୍ୟାକ୍ |

## ବେଭାର୍

| | | |
|---|---|---|
| ଆମେ ପୃଥିବୀରେ ବାସ କରୁ | : | ଆମେ ପଥିବୀରେ ବାସ୍ କରୁଁ |
| ଶୀତ ଦିନେ ବହୁତ ଥଣ୍ଡା ହୁଏ | : | ଶୀତ୍ ଦିନେ ଢୁର୍ ଥଣ୍ଡା ହେଇ୍ |
| ବର୍ଷା ଦିନରେ ବହୁତ ବର୍ଷା ହୁଏ | : | ବର୍ଷାଦିନେ ଢୋର୍ ବର୍ଷା ହେଇ |

* * *